## ସଂକ୍ଷେପରେ

### ହକି ବିଶ୍ୱକପ୍ ପାଇଁ ମିନି ମାରାଥନ

**କେନ୍ଦ୍ରାପଡା ଅଫିସ, ୨୫ା୧୧:** ଓଡିଶାରେ ହକି ବିଶ୍ୱକପ୍ ଆସନ୍ତା ୨୮ରୁ ଆରମ୍ଭ ହେବ । ଏହାର ପ୍ରଚାର ପ୍ରସାର ପାଇଁ କେନ୍ଦ୍ରାପଡାରେ ରବିବାର ଜିଲାସ୍ତରୀୟ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି । ସହରର ତିନିମୁହାଣୀସ୍ଥିତ ରାମମନ୍ଦିରରୁ ଟାଉନହଲ ପର୍ଯ୍ୟନ୍ତ ଆୟୋଜିତ ଏହି ମାରାଥନ୍‌ରେ ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ, ପିଡି ଦିଲୀପ କୁମାର ପରିଡା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଏଥିରେ ସମ୍ମାନିତ ଅତିଥିଭାବେ ଭାଗ ନେଇଥିଲେ। ଟାଉନ ହଲ ପରିସରରେ ଏଥିପାଇଁ ଅନୁଷ୍ଠିତ ସଭାରେ ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରି ସାରା ବିଶ୍ୱରେ ପରିଚିତି ଲାଭ କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ମିନି ମାରାଥନକୁ ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ବିଜୁ ଯୁବ ବାହିନୀ ସଂଯୋଜକ ଅସିତ ସାହୁ, ସୌକତ ଖାନ ଓ ଜ୍ୟୋତିର୍ମୟ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

### କେଦାରଗୌରୀ ବିହାର ସୁରକ୍ଷା ପରିଷଦ ସଭାପତିଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର, ୨୫ା୧୧ (ଡି.ଏନ.ଏ.):** କେଦାରଗୌରୀ ବିହାର ସୁରକ୍ଷା ପରିଷଦ ସଭାପତି ବିପିନ ବିହାରୀ ମହାନ୍ତି(୮୦)ଙ୍କର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ତାଙ୍କୁ ଚିକିତ୍ସାଳୟରେ ରଖାଯାଇଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ପୁଅ ଚିତ୍ତରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ମହାନ୍ତି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଦାଦା ଅଟନ୍ତି।

■ କେ ଫର୍ମରେ ରାଜସ୍ୱ ଆଦାୟ ନିଷ୍ପତ୍ତି

# ଚିନ୍ତାରେ ବନବିଭାଗ, ଅନୁପ୍ରବେଶକାରୀ ଖୁସି

**କେନ୍ଦ୍ରାପଡା ଅଫିସ, ୨୫ା୧୧**

- ■ ବନ ବିଭାଗର ବିନା ଅନୁମତିରେ ରାଜସ୍ୱ ଆଦାୟ ପାଇଁ ଚିଠି
- ■ କେ ଫର୍ମ ପାଉତି ଦେଖାଇ ଜମି ହାସଲ କରିବା ଆଶଙ୍କା
- ■ ଭୋଟବ୍ୟାଙ୍କ ପାଇଁ ପ୍ରଶାସନ ସାଜିଛି ଖେଳନା

ଜିଲାରେ ଥିବା ବନାଞ୍ଚଳଗୁଡିକରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଥିବା ବେଳେ ଏବେ ଜିଲା ପ୍ରଶାସନ ପକ୍ଷରୁ କେ ଫର୍ମ ଜରିଆରେ ରାଜସ୍ୱ ଆଦାୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଏହି ଫର୍ମରେ ରାଜସ୍ୱ ଆଦାୟ ବନ୍ଦ କରାଯାଇଥିଲା । ଏବେ ପୁନର୍ବାର ଏହି ଫର୍ମରେ ରାଜସ୍ୱ ଆଦାୟ କରିବାପାଇଁ ସ୍ଥିର କରାଯାଇଥିବାରୁ ଅନୁପ୍ରବେଶକାରୀମାନେ ଖୁସିବ୍ୟକ୍ତ କରିଥିବା ବେଳେ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ପୂର୍ବରୁ ଜିଲାର ବନାଞ୍ଚଳ ଓ ସରକାରୀ ଜମିକୁ ଜବରଦଖଲ କରିଥିବା ବଙ୍ଗୀୟ ଅଧିବାସୀମାନଙ୍କଠାରୁ କେ ଫର୍ମ ଜରିଆରେ ଜରିମାନା ଆକାରରେ ରାଜସ୍ୱ ଆଦାୟ କରାଯାଉଥିଲା । ମାତ୍ର ବନ ବିଭାଗ ଅଧୀନରେ ଥିବା ଜମିଗୁଡିକରୁ ରାଜସ୍ୱ ଆଦାୟ ପାଇଁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା । ଫଳରେ ୨୦୧୩ରୁ ଏହି ରାଜସ୍ୱ ଆଦାୟ ବନ୍ଦ ହୋଇଯାଇଥିଲା । ମାତ୍ର ଗତ ୧୬ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଚିଠି (ନଂ- ୬୫୪୫) ମହାକାଳପଡା ତହସିଲଦାରଙ୍କ ନିକଟକୁ ପଠାଯାଇଛି। ଏହି ଚିଠିରେ କେ ଫର୍ମ ଜରିଆରେ ପୁନର୍ବାର ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରିବା ଲାଗି ଉଲ୍ଲେଖ କରାଯାଇଛି। ୨୦୧୭ରେ ରାଜସ୍ୱ ବିଭାଗ ଚିଠି ଓ ଗତ ଅଗଷ୍ଟ ୩୧ରେ ମାର୍ଶାଘାଇରେ ହୋଇଥିବା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଚିଠିରେ କେ ଫର୍ମ ଜରିଆରେ ପୁନର୍ବାର ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରିବା ଲାଗି ଉଲ୍ଲେଖ କରାଯାଇଛି। ଏହାଛଡା ରାମନଗର, ଖରିନାସୀ, ଗୋଗୁଆ ଓ ପେଟଛେଲାରେ ବଙ୍ଗୀୟ ଅଧିବାସୀଙ୍କ ସଂଖ୍ୟା ମାତ୍ରାଧିକ ହୋଇଛି ବୋଲି ଚିଠିରେ ଦର୍ଶାଯାଇଛି। ମାତ୍ର ବନ ବିଭାଗ ପକ୍ଷରୁ ଅଦ୍ୟାବଧି ଏନେଇ କୌଣସି ଅନୁମତି ପତ୍ର ପ୍ରଶାସନକୁ ଦିଆଯାଇନାହିଁ। ପ୍ରଶାସନ ନିଷ୍ପତ୍ତି ବିରୋଧରେ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ରାଜସ୍ୱ ଆଦାୟ ହେଲେ ବହୁ ଅନୁପ୍ରବେଶକାରୀ କେ ଫର୍ମ ପାଉତି ଦେଖାଇ ଜମି ହାସଲ କରିବାର ଆଶଙ୍କା ରହିଛି ବୋଲି ସେମାନେ କହିଛନ୍ତି। ସେମାନେ କହିଛନ୍ତି ଯେ, ୨୦୧୫- ୧୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମହାକାଳପଡା ବ୍ଲକ ଅଞ୍ଚଳର ସରକାରୀ ଓ ବନାଞ୍ଚଳର ୬,୦୦୨ ଏକର ଜମି ଉପରେ ବଙ୍ଗଳାଭାଷୀ ଲୋକେ ଜବରଦଖଲ କରିଛନ୍ତି । ଏସବୁ ଜମିର କେ ଫର୍ମ ପାଉତି ଦେଖାଇ ସ୍ଥିତିବାନ ଜମି ଭାବେ ଚଞ୍ଚକତା କରି ନିଜର କରି ନେଇଛନ୍ତି । ଏଥିରେ ପ୍ରଶାସକଙ୍କ ଭୂମିକାକୁ ନେଇ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି। ରାଜସ୍ୱ ବିଭାଗ ରିପୋର୍ଟ ଅନୁଯାୟୀ, ଜିଲାରେ ରାମଚଣ୍ଡୀ ଆରଆଇ ସର୍କଲ ଅଧୀନ ଖରିନାସୀରେ ୧୩୭ ଜଣ କେ ଫର୍ମଧାରୀ ମୋଟ ୧,୬୫୫. ୭ ଏକର ବନାଞ୍ଚଳ ଓ ସରକାରୀ ଜମିକୁ ଜବରଦଖଲ କରିଥିବାବେଳେ ବଟିଘର ଅଞ୍ଚଳରେ ୭୧୩ ଜଣ ୨୭୧.୩୬ ଏକର ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି। ସେହିପରି ବରକୋଲିଖୋଲାର ୭୩୯ ଜଣ ୩୯୧.୨୨ ଏକର, ନିପାଣିଆର ୮୭ ଜଣ ୨୯୭.୩୯ ଏକର, ସାନଟୁବିର ୩୯ ଜଣ ୨୪୩.୮୩ ଏକର, ବଡଟୁବି ଗ୍ରାମର ୨୧୭ ଜଣ ୫୯୪.୪୫ ଏକର, କଂସାରୀଡିହ ଗ୍ରାମର ୨୪ ଜଣ ୩୨ ଏକର ଓ ସରଳୀକୁଦର ୨୯ ଜଣ ୩୭୩.୭୨ ଏକର ଜମିକୁ ଜବରଦଖଲ କରି ରଖିଛନ୍ତି। ତେବେ ବନାଞ୍ଚଳରେ ବନ ବିଭାଗର ଅନୁମତି ବିନା କେ ଫର୍ମରେ ରାଜସ୍ୱ ଆଦାୟ ସମ୍ଭବ ନୁହେଁ ବୋଲି ଜେନୈକ ବରିଷ୍ଠ ରାଜସ୍ୱ କର୍ମଚାରୀ ପ୍ରକାଶ କରିଛନ୍ତି । ଅପରପକ୍ଷେ ଜିଲା ପ୍ରଶାସନର ଏହି ଚିଠିକୁ ନେଇ ବହୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି । ଅନୁପ୍ରବେଶକୁ ରୋକିବା ପରିବର୍ତ୍ତେ ଭୋଟବ୍ୟାଙ୍କ ପାଇଁ ପ୍ରଶାସନକୁ ରାଜନେତାମାନେ ଖେଳନା ସଜାଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଡେରାବିଶ, ୨୫ା୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ରବିବାର ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡ଼ା ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦିବସରେ ରାଜ୍ୟ ପୋଲିସ ମହିଳା ଫୁଟବ୍‌ଲ ଟିମ୍ ଓ କଟକ ସାଇ ସ୍ପୋର୍ଟ୍ସ ହଷ୍ଟେଲ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂଶିତ ରହିବାରୁ ପେନାଲଟିକ୍ ଜରିଆରେ ମହିଳା ପୋଲିସ୍ ଟିମ୍ ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏଶନ୍ ଉପସଭାପତି ଭକ୍ତବଲ୍ଲଭ ଦାସ ମୁଖ୍ୟବକ୍ତା, ସାଇ ସ୍ପୋର୍ଟ୍ସ ହଷ୍ଟେଲର ଫୁଟବଲ କୋଚ ସୁଜନ ଘୋଷ, ଜାତୀୟ ମହିଳା ଟିମ୍‌ର ପୂର୍ବତନ କୋଚ୍ ମହମ୍ମଦ୍ ସାହିନ୍ ଜବାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧାପକ ଅଜୟ କୁମାର ରାଉତ, ହରିଅଙ୍କ ସରପଂଚ ଯୁଗଳ କିଶୋର ମହାନ୍ତି, ପୂର୍ବତନ ସୁଖଦାନନ୍ଦ ପ୍ରଧାନ, ଅଧାପକ ପ୍ରଦୀପ କୁମାର ଜେନା, କ୍ରୀଡ଼ାବିତ୍ ମାନସ କୁମାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜୟୀ ଦଳ ଓ ରନର୍ସଅପ୍ ଦଳକୁ ଅତିଥିମାନେ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଫୁଟ୍‌ବ୍‌ଲ ଆସୋସିଏଶନ୍ ଭଦ୍ରକର ଜିତେନ୍ଦ୍ର ପ୍ରସାଦ ବାରିକ, ଉତ୍ତମ ବାରିକ ଓ ମାନସ କୁମାର ବିଶ୍ୱାଳ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳିମାନେ।

## ଅଂଶୁମାନଙ୍କ ଗଡରେ ଧ୍ରୁବଙ୍କ ପକ୍ଷରୁ ପ୍ରକଳ୍ପର ଶିଳାନ୍ୟାସ


ଜନ ସମ୍ପର୍କ ପଦଯାତ୍ରାରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ଅନ୍ୟମାନେ।

**ରାଜନଗର,୨୫ା୧୧(ଡିଏନଏ)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନଗର ନିର୍ବାଚନମଣ୍ଡଳୀରେ ରାଜନୈତିକ ଛକାପଞ୍ଝା ଦେଖିବାକୁ ମିଳୁଛି। ରବିବାର ଏଠାରେ ଏକ ଶିଳାନ୍ୟାସ ଉତ୍ସବକୁ ନେଇ ରାଜନୈତିକ ଉଷ୍ମତା ବେଶ ବାରି ହୋଇପଡିଛି। ରାଜନଗର ବିଧାୟକଙ୍କ ଗ୍ରାମରେ ଜିଲା ବିଜେଡି ସଭାପତିଙ୍କ ଦ୍ୱାରା ଜନସଂପର୍କ ପଦଯାତ୍ରା ଓ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମକୁ ନେଇ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବ୍ଲକର ସବୁଠୁ ସମ୍ବେଦନଶୀଳ ବନ୍ଧପଡା ପଞ୍ଚାୟତରେ ଜନସଂପର୍କ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ଉକ୍ତ ପଞ୍ଚାୟତର ଟାଙ୍ଗଣଟୈଲା ଗାଁରୁ ବାହାରି ଗୋବିନ୍ଦପୁର ଗାଁରେ ଶେଷ ହୋଇଥିଲା। ଏହି ପଦଯାତ୍ରା ବିଧାୟକ ଅଂଶୁମାନ ମହାନ୍ତିଙ୍କ ନିଜ ଗାଁ ଫିରିକିଦାଣ୍ଡିରେ ପହଞ୍ଚିବା ପରେ ସେଠାରେ ବିଧାୟକଙ୍କ ସମର୍ଥକମାନେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ଏପରି କି ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ଆଇଆଇସି ସୁକାନ୍ତ କୁମାର ପାତ୍ର ସଦଳବଳେ ଫିରିକିଦାଣ୍ଡି ଗାଁରେ ପହଞ୍ଚି ଉତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଏହି ଗ୍ରାମରେ ଦୁଇଟି ପ୍ରକଳ୍ପ ମିଶନଶକ୍ତି ଗୃହ ଓ ଦକ୍ଷିଣଦାଣ୍ଡିରେ ଯୁବଗୋଷ୍ଠୀ ଗୃହକୁ ଜିଲା ବିଜୁ ଜନତା ଦଳ ସଭାପତି ଧ୍ରୁବ ସାହୁ ଶିଳାନ୍ୟାସ କରିଥିଲେ। ଏହି ପଦଯାତ୍ରା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ହୋଇଥିଲା। ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ନାଥ ସେଠୀ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ଜଗବନ୍ଧୁ ନାୟକ, ସୁରେନ୍ଦ୍ର ପ୍ରସାଦ ରାଉତ, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ଗୋବର୍ଦ୍ଧନ ପ୍ରଧାନ, ପ୍ରଶାନ୍ତ ରାଉତ, ନରହରି ଜେନା, ବାଇଧର ସେଠୀ, ଅକ୍ଷୟ କୁମାର ରାଉତ, ଜ୍ଞାନ ରଞ୍ଜନ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପାଟକୁରା, ୨୫ା୧୧ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ପଦଯାତ୍ରାରେ ସାମିଲ ହେବା ସହ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ, ସରପଞ୍ଚ ସୂର୍ଯ୍ୟମଣୀ ସେଠୀ, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ଯଶୋବନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ।

DSPL-267





ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।

- ଭଲଟାୟାର

## ଗାଁକୁ ଆଲୋକିତ କରିବା ଯୋଜନା ଅଧୁରା

# ଦବିଗଲା ଆଲୋକୀକରଣ ମହାଦୁର୍ନୀତି

**ଯାଜପୁର ଅଫିସ,୨୫।୧୧**

- ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ
- ଏଥର ରାଜ୍ୟସ୍ତରରେ ହେଉଛି ଟେଣ୍ଡର ପ୍ରକ୍ରିୟା
- ପଞ୍ଚାୟତିରାଜ ଓ ଶକ୍ତି ବିଭାଗ ହାତରେ ଦାୟିତ୍ୱ ନ୍ୟସ୍ତ

ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଆଲୋକୀକରଣ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ ପ୍ରତି ପଞ୍ଚାୟତରେ ଏଲଇଡି ଲାଇଟ ଲଗାଇବା ବ୍ୟବସ୍ଥା ହୋଇଥିଲା। ଏଥିରେ ଯାଜପୁର ଜିଲାରେ ୨୦୧୫-୧୬ ଓ ୨୦୧୬-୧୭ ଆର୍ଥିକ ବର୍ଷରେ ଖୁଣ୍ଟ ପିଛା ୩୨ହଜାର ଟଙ୍କା ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଟଙ୍କା ବିନିଯୋଗ ହୋଇଛି । ଜିଲାର ଧର୍ମଶାଳା ଓ ବଡଚଣା ବ୍ଲକକୁ ବାଦ ଦେଇ ଅନ୍ୟ ସମସ୍ତ ବ୍ଲକରେ ପ୍ରାୟ ଏହି ଅର୍ଥ ବିନିଯୋଗ କରାଯାଇଥିଲା। ଜଣେ ଠିକାସଂସ୍ଥାକୁ ଯାଜପୁର ଓ ଭଦ୍ରକ ଜିଲାର ଦାୟିତ୍ୱ ଦେଇ ପ୍ରଶାସନ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରିଥିଲା। ତେବେ ନିମ୍ନମାନର ଏଲଇଡି ଲାଇଟ ଓ ସରଞ୍ଜାମ ଲଗାଯାଇଥିବା ନେଇ ଗତ ୨୦୧୭ ଶେଷ ବେଳକୁ ବଡଧରଣର କେଳେଙ୍କାରୀ ହୋଇଥିବା ଅଭିଯୋଗ ଉଠିଥିଲା। ଏହି ଅଭିଯୋଗରେ ଜଣେ ଶାସକ ଦଳର ପ୍ରଭାବଶାଳୀ ରାଜନେତାଙ୍କ ହାତ ଥିବା କୁହାଯାଇଥିଲା। ଏହି କେଳେଙ୍କାରୀକୁ ନେଇ କେତେଜଣ ସାମାଜିକ କର୍ମୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ହେଲେ ଏହି ମହାଦୁର୍ନୀତି ଦବି ଯାଇଥିବାବେଳେ ଏଯାଏ କୌଣସି ଠୋସ ପଦକ୍ଷେପ ନିଆଗଲା ନାହିଁ । ଏବେ ପୁଣି ପ୍ରତ୍ୟେକ ପଞ୍ଚାୟତରେ ଏଲଇଡି ଲାଇଟ ଲଗାଇବାକୁ ରାଜ୍ୟସ୍ତରରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି।

କୌଣସି ଗାଁ ଅନ୍ଧାରରେ ରହିବ ନାହିଁ। ପ୍ରତ୍ୟେକ ଖୁଣ୍ଟରେ ଏଲଇଡି ଲାଇଟ ଝଲସିବ । ଏହି ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠି ଆବଣ୍ଟିତ କରିଥିଲେ । ଜିଲାସ୍ତରରେ ଏଥିପାଇଁ ଟେଣ୍ଡର ଡକାଯାଇଥିଲା। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଲାଇଟ ସପ୍ଲାୟର ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସର୍ବନିମ୍ନ ଟେଣ୍ଡରଧାରୀ ବିରଜା ଇଲେକ୍ଟ୍ରିକାଲ ଆଣ୍ଡ କନଷ୍ଟ୍ରକ୍ସନକୁ ଏହି ଟେଣ୍ଡର ମିଳିଥିଲା। ଏହି ସଂସ୍ଥାକୁ ପଡୋଶୀ ଭଦ୍ରକ ଜିଲାରେ ମଧ ଲାଇଟ ଲଗାଇବାକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ନିମ୍ନମାନର ଲାଇଟ ସରଞ୍ଜାମ ଲଗାଯାଇଥିବାରୁ ସେସବୁ ୩ରୁ ୪ମାସ ମଧ୍ୟ ଜଳି ନ ଥିଲା। ବଜାର ଦରଠାରୁ ପ୍ରାୟ ୮ଗୁଣ ଅଧିକ ଟଙ୍କାର ବିଲ କରି କୋଟି କୋଟି ଟଙ୍କା ଚଳୁ କରାଯାଇଥିଲା। ନାମିଦାମୀ କମ୍ପାନୀର ସାମଗ୍ରୀ ବ୍ୟବହାର କରାଯାଇ ନ ଥିବାରୁ ଖୁବ କମ ଦିନରେ ଆଉ ଲାଇଟ ଜଳି ନ ଥିଲା । ଏବେ ଖୁଣ୍ଟ ଅଛି, ହେଲେ ଲାଇଟ ନ ଥିବାରୁ ସମ୍ପୃକ୍ତ ଗ୍ରାମଗୁଡିକ ଅନ୍ଧାରରେ ରହିଛି। ୫ ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ଠିକାସଂସ୍ଥା କେତେକ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଅନୁଦାନ ଅର୍ଥ ଲୁଟ କରିଥିବା ଅଭିଯୋଗ ହୋଇଛି। ଏଥିରେ କେତେଜଣ ଦୁର୍ନୀତିଖୋର ଅଧିକାରୀ ମଧ୍ୟ ମାଲମାଲ ହେଲେ। ରାଜ୍ୟ ସରକାରଙ୍କ ଚତୁର୍ଥ ଓ କେନ୍ଦ୍ର ସରକାରଙ୍କ ଚତୁର୍ଦ୍ଦଶ କମିଶନ ଟଙ୍କା ବିନିଯୋଗ କ୍ଷେତ୍ରରେ ଯାଜପୁର ଜିଲାରେ ଏଭଳି ଏକ ବଡଧରଣର ଦୁର୍ନୀତି ହୋଇଥିବା ସେତେବେଳେ ଅଭିଯୋଗ ଉଠିଥିଲା। ଏହା ପଞ୍ଚାୟତରୁ ସଚିବାଳୟ ଯାଏ ଲମ୍ବିଥିବାରୁ ଦୁର୍ନୀତି ଅଭିଯୋଗକୁ ଚାପି ଦିଆଗଲା। ଏବେ ପୁଣି ୨୦୧୭-୧୮ ଓ ୨୦୧୮-୧୯ ବର୍ଷ ପାଇଁ ପଞ୍ଚାୟତଗୁଡିକୁ ଏଲଇଡି ଲାଇଟ ଲଗାଇବାକୁ ନିର୍ଦ୍ଦେଶ ହୋଇଛି । ରାଜ୍ୟ ପଞ୍ଚାୟତିରାଜ ଓ ଶକ୍ତି ବିଭାଗକୁ ଏହି ଦାୟିତ୍ୱ ଦିଆଯାଇଛି । ଡିସେମ୍ବର ଶେଷସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏଥର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ) ଜରିଆରେ ଲାଇଟ ଲଗା କାର୍ଯ୍ୟକାରୀ ହେବ। ଏ ସଂକ୍ରାନ୍ତରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀଙ୍କୁ ପଚାରିବାରୁ, ଅଭିଯୋଗ ଉପରେ କେତେକ କାର୍ଯ୍ୟାନୁଷ୍ଠାନ ହୋଇଛି। ଏବେ ବି କିଛି ପଞ୍ଚାୟତରେ ଏହାର ତଦନ୍ତ ଚାଲିଛି। ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କୁ ପଚାରିବାରୁ, ପଞ୍ଚାୟତିରାଜ ଓ ଶକ୍ତି ବିଭାଗ ଦ୍ୱାରା ରାଜ୍ୟସ୍ତରରେ ଟେଣ୍ଡର ପ୍ରକ୍ରିୟା ଚାଲିଛି। ୨୦୧୮-୧୯ ବର୍ଷ ପାଇଁ ପ୍ରାୟ ୪କୋଟି ଟଙ୍କା ଅନୁଦାନ ଆବଣ୍ଟିତ ହୋଇଛି। ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଆବଶ୍ୟକସ୍ଥଳେ ଏଲଇଡି ଲାଇଟ ଲଗାଯିବ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**କଳିଙ୍ଗନଗର, ୨୫।୧୧(ଡି.ଏନ୍.ଏ.):** ଜଖପୁରା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ବାସନ୍ତୀ ମଲିକ (୬୦) । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୧୭/୨୦୧୮) ରୁଜୁ କରିଛି। ବାସନ୍ତୀ ଘର ସଫା କରୁଥିବାବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ପରିବାର ଲୋକେ ସଜ୍ଞାହୀନ ଅବସ୍ଥାରେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବାସନ୍ତିଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

### ଦଶାଶ୍ୱମେଧ ଘାଟ ସଫେଇ

**ବିରଜାକ୍ଷେତ୍ର,୨୫।୧୧(ଡି.ଏନ୍.ଏ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯାଜପୁର ସହର ଦେଇ ପ୍ରବାହିତ ହୋଇଥିବା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ସ୍ନାନ କରିବା ସହ ପରମ୍ପରାକୁ ଉଜ୍ଜୀବିତ ରଖିବା ଓ ସ୍ମରଣ ରଖିବା ପାଇଁ ଡଙ୍ଗା ଭସାଇଥିଲେ। ଏପରିକି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭକ୍ତମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦଶାଶ୍ୱମେଧ ଘାଟରେ ପିଣ୍ଡଦାନ କରିଥିଲେ। ପିଣ୍ଡଦାନ ଓ ଡଙ୍ଗା ଭସାଇଥିବାରୁ ଦଶାଶ୍ୱମେଧ ଘାଟଟି ପ୍ଲାଷ୍ଟିକ୍ ଓ ବିଭିନ୍ନ ଆବର୍ଜନାରେ ଅପରିଷ୍କାର ହୋଇଯାଇଥିଲା। ଯାଜପୁର ସହରର ଅଗ୍ରଣୀ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂସ୍କୃତି ସୁରକ୍ଷା ସେନା ପକ୍ଷରୁ ରବିବାର ଦଶାଶ୍ୱମେଧ ଘାଟରୁ ସଫେଇ କରାଯାଇ ଘାଟକୁ ସଫା କରିବା ସହ ବୈତରଣୀ ନଦୀଜଳକୁ ପରିଷ୍କାର କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ସଂସ୍କୃତି ସୁରକ୍ଷା ସେନା ସଭାପତି ସଂଗ୍ରାମ ରାଉତରାୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଦସ୍ୟମାନେ ଯୋଗଦାନ କରି ସଫେଇ କାର୍ଯ୍ୟ କରିଥିଲେ।

### ବଜାର ଭିତରେ ଭାରସାମ୍ୟ ହରାଇଲା ଟ୍ରକ, ବର୍ତ୍ତିଲେ ଲୋକେ

**ରସୁଲପୁର,୨୫।୧୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ହରିପୁର ବଜାର ରାହାସ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଏହି ଉତ୍ସବ ଓ ପ୍ରଥମାଷ୍ଟମୀ ପାଇଁ ବଜାରରେ ବିଶେଷ ଭିଡ ପରିଲକ୍ଷିତ ହେଉଛି। ଅପେରା ପାର୍ଟିର ହୋଡିଂଗୁଡିକ ରାସ୍ତା ଉପରକୁ ଚଢି ଆସିଛି। ଫଳରେ ଟ୍ରାଫିକ୍ ସମସ୍ୟାକୁ ବହୁଗୁଣିତ କରିଛି। ମାତ୍ର ପ୍ରଶାସନିକ ଅଧିକାରୀମାନେ ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି । ରବିବାର ବଜାରରେ ଭିଡରୁ ଲୋକଙ୍କୁ ବଞ୍ଚାଇବାକୁ ଯାଇ ଏକ ସାର ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୋକଙ୍କୁ ବଞ୍ଚାଇବାକୁ ଯାଇ ଟ୍ରକଟି ଆର.ଜି ସୁପର ବଜାର ହୋଡିଂ ଉପରକୁ ଚଢି ଯାଇଛି। ଫଳରେ ଅନେକ ଲୋକଙ୍କ ଜୀବନ ବଞ୍ଚି ଯାଇଛି। ହୋଡିଂ ସମ୍ମୁଖରେ ଥୁଆ ହୋଇଥିବା ଏକ ବାଇକ ଭାଙ୍ଗି ଚୁରମାର ହୋଇଯାଇଛି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଟ୍ରକ ଚାଳକଙ୍କୁ କାବୁ କରି କୁଆଖିଆ ଥାନା ପୋଲିସର ଜିମା ଦେଇଥିଲେ। ପୋଲିସ ଟ୍ରକ ଓ କ୍ଷତିଗ୍ରସ୍ତ ବାଇକ୍‌କୁ ନିଜ ହେପାଜତକୁ ନେଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକଟି ସାର ବୋଝେଇ କରି ଯାଜପୁର ଟାଉନରୁ ଝୁମ୍ପୁରୀ ବଜାରକୁ ଯାଉଥିଲା ବୋଲି ଜଣାପଡିଛି ।

### ବରିଷ୍ଠ ନାଗରିକ ସଂଘର ବୈଠକ

**ବିରଜାକ୍ଷେତ୍ର,୨୫।୧୧(ଡି.ଏନ୍.ଏ):** ଯାଜପୁର ବରିଷ୍ଠ ନାଗରିକ ସଂଘର ଏକ ବୈଠକ ବି.ଡ଼ି. ହାଇସ୍କୁଲରେ ରବିବାର ପୂର୍ବାହ୍ନରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ, ଏକ ଜିଲାସ୍ତରୀୟ ଜରାଶ୍ରମ ନିର୍ମାଣ ନିମନ୍ତେ ଗଚ୍ଛିତ ଥିବା ୨୫ କୋଟି ଟଙ୍କାର ସୁବିନିଯୋଗ, ଡିସେମ୍ବର ୧୮ରେ ରବୀନ୍ଦ୍ର ମଣ୍ଡପରେ ରାଜ୍ୟସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଇଚ୍ଛୁକ ସଭ୍ୟଙ୍କର ସମ୍ପାଦକଙ୍କ ସହ ଯୋଗାଯୋଗ ସମ୍ପର୍କରେ ପ୍ରବୋଧ ନାୟକ ସୂଚନା ଦେଇଥିଲେ । ଜିଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କ ସହ ବରିଷ୍ଠ ନାଗରିକ ସଂଘର ଏକ କମିଟି ଏହାର ବିଭିନ୍ନ ସମସ୍ୟା ଓ ସମାଧାନ ନିମନ୍ତେ ଯୋଗାଯୋଗ କରିବାକୁ ସ୍ଥିର ହୋଇଥିଲା। ଏହି ବୈଠକରେ ମହେନ୍ଦ୍ର ପ୍ରସାଦ ଦାସ, ପ୍ରାଧାପକ ଉଦୟନାଥ ପରିଡ଼ା, ରବିନାରାୟଣ ନାୟକ, ବଂଶୀଧର ମହାନ୍ତି, ମଧୁସୂଦନ ମହାନ୍ତି, ବୃନ୍ଦାବନ ମିଶ୍ର, ଅକ୍ଷୟ କୁମାର ଦାସ, ଲକ୍ଷ୍ମୀନାରାୟଣ ପତି, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରେମିକାଙ୍କ ଭିଣୋଇ ଉପରେ ଲଙ୍କାଗୁଣ୍ଡ ମାଡ଼, ପ୍ରେମିକ କୋର୍ଟ ଚାଲାଣ

**ଧର୍ମଶାଳା, ୨୫।୧୧(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଧର୍ମଶାଳା-କାଏମା ରାସ୍ତାର ଅଭୟପୁରଠାରେ ଜଣେ ବିଫଳ ପ୍ରେମିକଙ୍କ ଲଙ୍କାଗୁଣ୍ଡା ମାଡ଼ରେ ପ୍ରେମିକାଙ୍କ ଭିଣୋଇ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ପୋଲିସ ଏକ ମାମଲା (୪୫୫/୧୮) ରୁଜୁ କରି ଅଭିଯୁକ୍ତ ପ୍ରେମିକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଝାଲପଡା ଗ୍ରାମର କେଶବ ଓଝା। ପ୍ରକାଶ ଯେ, ଶନିବାର ଢେଙ୍କାନାଳ ଜିଲା ଚାନ୍ଦିଆ ଥାନା ଅନ୍ତର୍ଗତ ଶିତଳପୁର ଗ୍ରାମର ମଦନମୋହନ ସାହୁ ସ୍ତ୍ରୀ ଓ ସମ୍ପର୍କୀୟ ଶାଳିଙ୍କୁ ବାଇକ୍‌ରେ ନେଇ ଘରକୁ ଆସୁଥିଲେ। ଅଭୟପୁର ନିକଟରେ କେଶବ ମଦନଙ୍କ ଉପରକୁ ଲଙ୍କାଗୁଣ୍ଡା ପକାଇବା ସହ ମାଡ଼ ମାରିଥିଲେ। ମଦନ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ଥାନାରେ ଅଭିଯୋଗ କରିଥିଲେ ।

## ହକି ବିଶ୍ୱକପ୍ ଟିମ୍ ଇଣ୍ଡିଆ ପାଇଁ ଗଣଦୌଡ଼

**ଯାଜପୁର ଅଫିସ,୨୫।୧୧**




ଅତିଥିଙ୍କ ଗହଣରେ ଗଣଦୌଡରେ ବିଜୟୀ ହୋଇଥିବା ପ୍ରତିଯୋଗୀ।

ହକି ବିଶ୍ୱକପରେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଓ ଉତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ରବିବାର ଜିଲାସ୍ତରୀୟ ଗଣଦୌଡ କମାଗଡ଼ଠାରୁ ବାଳାଶ୍ରମ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ଜାତୀୟ ଖେଳ ହକି ବିଶ୍ୱକପ ଆୟୋଜନ ଏକ ଗୌରବର କଥା ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସରକାର ଏହାର ଆୟୋଜନ କରିବା ସହ ହକିର ପ୍ରଚାରପ୍ରସାର ସହ ଏହାକୁ ଲୋକପ୍ରିୟ କରିବା ପାଇଁ ଯେଉଁ ପ୍ରଚେଷ୍ଟା ଜାରି ରଖିଛନ୍ତି ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳାଶ୍ରମ ପଡିଆରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ବିଡିଓ ସୌରଭ ଚକ୍ରବର୍ତ୍ତି, କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ଅନୁପ କୁମାର ବେହେରା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଜିଲା ସୂଚନା ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଜୁ ଯୁବାହିନୀର ଜିଲା ସଂଯୋଜକ ରାଜନାରାୟଣ ଜେନା, ସତ୍ୟରଞ୍ଜନ କର, ସତ୍ୟବ୍ରତ ଜେନା ପ୍ରମୁଖ ସହଯୋଗ କରିଥିଲେ । ପୁରୁଷ ବିଭାଗ ଦୌଡରେ ଗୁଲସନ ମହାପାତ୍ର ପ୍ରଥମ, ବିଜୟ ସୁଣ୍ଡି ଦ୍ୱିତୀୟ ଓ ପୃଥ୍ୱୀଜିତ୍ ନାୟକ ୩ୟ ସ୍ଥାନ ଅଧିକାର କରିଥିଲେ । ଗଙ୍ଗାଧର ସାହୁ, ଦେବେନ୍ଦ୍ର କର, ସାନୁ ତରାଇ, ହରିହର ମୁର୍ମୁ ଓ ବିଜୟାନନ୍ଦ ବେହେରାଙ୍କୁ ସାନ୍ତ୍ୱନାମୂଳକ ଭାବେ ପୁରସ୍କୃତ କରାଯାଇଥିଲା। ବାଳିକା ବର୍ଗରେ ଅର୍ଚ୍ଚନା ଜେନା ପ୍ରଥମ, ଶୋଭା ନାୟକ ଦ୍ୱିତୀୟ ଓ ରଞ୍ଜିତା ଦାସ ତୃତୀୟ ସ୍ଥାନ ହାସଲ କରିଥିଲେ । ଶାନ୍ତି ଦିଗୀ, ଗୁରୁବାରି ପୂର୍ତ୍ତି, ଶ୍ରାବଣୀ ଜେନା, ସ୍ମିତାରାଣୀ ମହାରଣା ଓ ମଧୁସ୍ମିତା ଜେନା ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲେ । ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତମାନଙ୍କରେ ଏହି ଗଣଦୌଡ ଅନୁଷ୍ଠିତ ହୋଇଥିଲା ।

## ହକି ବିଶ୍ୱକପ୍ ପାଇଁ ମିନି ମାରାଥନ୍

**ଧର୍ମଶାଳା/ଚଢେଇଧରା ୨୫।୧୧(ଡି.ଏନ୍.ଏ.)**

ଓଡ଼ିଶା କ୍ରୀଡା, ଯୁବସେବା ବିଭାଗ ଓ ଯାଜପୁର ଜିଲା ପ୍ରଶାସନ ନିର୍ଦ୍ଦେଶରେ ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ପ୍ରଶାସନ ଓ ବିଜୁ ଯୁବ ବାହିନୀ ମିଳିତ ଆନୁକୂଲ୍ୟରେ ରବିବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବାଣୀପୀଠଠାରୁ ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା। ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କ ନେତୃତ୍ୱରେ ବ୍ଲକ ସଭାଗୃହ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଅତିରିକ୍ତ ବିଡିଓ ଉପେନ୍ଦ୍ର କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଗଣଦୌଡରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସାଗର କୁମାର ସ୍ୱାଇଁ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସେକ୍ ନବାବ ହୋସେନ, ନବୀନ କୁମାର ଦାସଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସରୋଜିନୀ ମଲିକ, ବିଭୁଦତ୍ତ ପାଣିଗ୍ରାହୀ, ନଟବର ସାହୁ, ଝୁନୁବାଳା ଦାସ, ରଞ୍ଜିତା ବାରିକଙ୍କ ସମେତ ଶତାଧିକ କର୍ମୀ ଗଣଦୌଡରେ ଭାଗ ନେଇଥିଲେ। ସେହିପରି ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତ ପଞ୍ଚବଟିଠାରୁ ଭୁବନପୁର ଗ୍ରାମରେ ମଧ୍ୟ ଗଣ ଦୌଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ଦିବ୍ୟରଞ୍ଜନ ଦାସସାମନ୍ତଙ୍କ ନେତୃତ୍ୱରେ ଗଣ ଦୌଡରେ ସିପୁନ ବେହେରା ପ୍ରଥମସ୍ଥାନ ଅଧିକାର କରିଥିବା ସିପୁନ୍ ବେହେରା, ହିମାଂଶୁ ସାହୁ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରୀଧର ଧୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୧୨ନଂ ଜୋନ୍‌ର ଜିଲାପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ଜଗଦିଶ୍ ଜେନାମଣି, ମନ୍ମଥ ପରିଡା, ପ୍ରଦୀପ ବିଶ୍ୱାଳ, ଦେବରଞ୍ଜନ ଦାସ, ଗିରିଧାରୀ ବେହେରା, ଦିବାକର ଲେଙ୍କା, ପାଣ୍ଡବ ବାରିକ ଓ ରବି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

## ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଅନିୟମିତତା ଅଭିଯୋଗ

**ବିଞ୍ଝାରପୁର,୨୫।୧୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ବାଙ୍ଗରା ପଞ୍ଚାୟତରେ ଏହି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରାୟ ୫ଲକ୍ଷ ଟଙ୍କା ଅନୀୟମିତତା ହୋଇଥିବା ନେଇ ଗ୍ରାମବାସୀ କେନ୍ଦ୍ର ପଞ୍ଚାୟତିରାଜ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅନିଲ ବେହେରା, ଦିଗାମ୍ବର ପାତ୍ରଙ୍କ ସମେତ ଶତାଧିକ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ରରେ କୁହାଯାଇଛି ଯେ, ଏହି ପଞ୍ଚାୟତରେ ଉପରୋକ୍ତ ଯୋଜନାରେ ରାମ ମଲିକଙ୍କ ଘରଠାରୁ କପିଳା ଘାଇ ପର୍ଯ୍ୟନ୍ତ ରାସ୍ତା (କୋଡ ନମ୍ବର- ୨୪୨୦୦୦୩୦୧୨/ ଆର.ସି ୩୧୦୫୦୯୮)ର ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ମାତ୍ର ରାସ୍ତା ସରି ନ ଥିବା ବେଳେ ପ୍ରକଳ୍ପ ବ୍ୟୟ ବାବଦକୁ ୧ଲକ୍ଷ ୮୦ହଜାର ୫୪୪ ଟଙ୍କା ନକଲି ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଠାଯାଇ ଉଠାଣ କରି ନିଆଯାଇଛି ବୋଲି ଅଭିଯୋଗ ହେଉଛି। ପ୍ରକଳ୍ପର କୌଣସି କାମ କରାଯାଇ ନ ଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଏକ ପ୍ରକଳ୍ପର ରାସ୍ତା ଆନନ୍ଦ ପାତ୍ରଙ୍କ ଘରଠାରୁ ବଇଁଶୀ ମାହାରା (କୋଡ ନଂ- ୨୪୨୦୦୦୩୦୧୨/ଆର.ସି /୩୧୦୫୦୯୪)ର ବ୍ୟୟ ଅଟକଳ ୩ ଲକ୍ଷ ଥିଲା। ଏହି ପ୍ରକଳ୍ପ ନିମନ୍ତେ ୪୦ଟ୍ରିପ ମାଟି ଟ୍ରାକ୍ଟର ଦ୍ୱାରା ବୁହାଯାଇ କାମ ଶେଷ କରାଯାଇଛି । ବ୍ୟୟ ବାବଦକୁ ୨ଲକ୍ଷ ୮୮ହଜାର ୨୮ ଟଙ୍କା ଉଠାଣ କରାଯାଇ କେତେଜଣ ମିଥ୍ୟା ଶ୍ରମିକଙ୍କ ଖାତାକୁ ପଠାଯାଇ ଉଠାଣ କରି ନିଆଯାଇଥିବା କୁହାଯାଉଛି। ଚାଷୀବନ୍ଧ ନାମରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ନେଇ ବୋର୍ଡ ଲଗାଯାଇଥିବା କୁହାଯାଇଛି। ଅଭିଯୋଗକାରୀମାନେ କାମ ଚାଲି ନ ଥିବା କହିଛନ୍ତି। ଏହି ପ୍ରକଳ୍ପର ଅର୍ଥ ମଧ୍ୟ ଗାଏବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଖୁଚୁରା ବିକ୍ରେତା ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବିରଜାକ୍ଷେତ୍ର,୨୫।୧୧(ଡି.ଏନ୍.ଏ)**

ଯାଜପୁର ଜିଲା ସରକାରୀ ଖୁଚୁରା ବିକ୍ରେତା ସଂଘର ନୂତନ କାର୍ଯ୍ୟାଳୟ ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟ ରାସ୍ତାର ଲଳିତେଶ୍ୱର ନଗର ଛକଠାରେ ରବିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂଘର ୫ଦଫା ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ସୂଚନା ଯେ, ଓଡ଼ିଶା ରାଜ୍ୟ ସରକାରୀ ଖୁଚୁରା ବିକ୍ରେତା ସଂଘର ଆହ୍ୱାନରେ ଆସନ୍ତା ୨୯ ତାରିଖରେ ୫ ଦଫା ଦାବି ନେଇ ଭୁବନେଶ୍ୱରରେ ରାଜ୍ୟ ସରକାରୀ ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ଶୋଭାଯାତ୍ରା ସହ ସାଧାରଣ ସଭା କରାଯିବ। ଏହି ସଭାରେ ଚାଉଳ, ଗହମ ପରି କିରୋସିନ ତେଲ ଦୋକାନ ପରିସରରେ ଦେବା ଓ ଖୁଚୁରା ବିକ୍ରି ବାବଦକୁ ସଟେଜ୍ ଓ ଲିକେଜ୍ ପ୍ରଦାନ କରିବା, ପ୍ରତିମାସ ନିୟମିତ କମିଶନ ପ୍ରଦାନ କରିବା, ସମାନ କାମକୁ ସମାନ ସୁବିଧା ଆଦି ଦାବି ରାଜ୍ୟ ସରକାରଙ୍କ ପାଖରେ ରଖାଯିବ ବୋଲି ଜିଲା ସଂଘ ସୂଚନା ଦେଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ବ୍ଲକ୍ ବିଜେଡ଼ି ସଭାପତି ପ୍ରଭାତ ଘଡ଼େଇ, ଜିଲା ସରକାରୀ ଖୁଚୁରା ସଂଘ ସଭାପତି ବାସୁଦେବ ବେହେରା, ଉପସଭାପତି ଲକ୍ଷ୍ମୀନାରାୟଣ ଅଗରୱାଲା, ସମ୍ପାଦକ ରାଜେଶ କୁମାର ପଣ୍ଡା, ଉପଦେଷ୍ଟା ମାଧବାନନ୍ଦ ସାହୁ, ଆବାହକ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସହ ବିଜୟ କୁମାର ବିଶ୍ୱାଳ, ଗଦାଧର ସାହୁ, ବିଦ୍ୟାଧର ରାଉତ, ମୁରଲୀଧର ବୈଶାଖ, ମହେଶ୍ୱର ରାଉତ, ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଶତାଧିକ ଖୁଚୁରା ବିକ୍ରେତାକାରୀ ଉପସ୍ଥିତ ଥିଲେ ।

## ଗାଁସାଥୀ ସଂଘର ଜରୁରୀ ବୈଠକ

**ବିଞ୍ଝାରପୁର,୨୫।୧୧(ଡି.ଏନ.ଏ)**

ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଞ୍ଝାରପୁର ବ୍ଲକ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବ୍ରଜକିଶୋର ଦାଶଙ୍କ ସଭାପତିତ୍ୱରେ ହୋଇଥିଲା ବେଳେ ସଭାକୁ ସୁରେନ୍ଦ୍ର ଶତପଥୀ, ରମାକାନ୍ତ ଦାସ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଂଯୋଜକ ସୁଶାନ୍ତ କୁମାର ଯେନା ଯୋଗଦେଇ ସ୍ଥାୟୀ ନିଯୁକ୍ତି, ମାସିକ ଦରମା ୬୦୦୦, ପଞ୍ଚାୟତରେ ଆବଶ୍ୟକ ପରିମାଣର କାର୍ଯ୍ୟ ଯୋଗାଇ ଦେବା ଆଦି ଦାବି ସମ୍ପର୍କରେ ଆସନ୍ତା ୧୦ତାରିଖ ହେବାକୁ ଥିବା ମହାରାଲିରେ ଉପସ୍ଥାପନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବନ୍ତ ବାରିକ, କାଦମ୍ବିନୀ ସାମଲ, ବିରଞ୍ଚି ନାରାୟଣ ମଲ୍ଲିକ, ବିଷ୍ଣୁ ସେଠୀ, ସୁଜାତା ଯେନା, ସୁବ୍ରତ ବେହେରା, ଶରତ ମଲ୍ଲିକ, ପଦ୍ମିନି ଦାସ, ମାନସ ମଲ୍ଲିକ, ବୈଜୟନ୍ତୀ ମିଶ୍ର ଓ ଉତ୍କଳିକା ମଲ୍ଲିକ ପ୍ରମୁଖ ବହୁ ଗାଁସାଥୀ ଯୋଗ ଦେଇଥିଲେ।

## ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା



କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ଡୁବୁରୀ, ୨୫।୧୧(ଡି.ଏନ୍.ଏ.)**

ଶକ୍ତି ଓ ଜଙ୍ଗଲ ପରିବେଶ ବିଭାଗର ମିଳିତ ଆନୁକୂଲ୍ୟରେ ରବିବାର ଡୁବୁରୀସ୍ଥିତ କପିଳେଶ୍ୱର ନୋଡାଲ ହାଇସ୍କୁଲ ପରିସରରେ ଏକ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ସୁକିନ୍ଦା ବ୍ଲକର କପିଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଅଶୋକଝର ହାଇସ୍କୁଲ, ବେଠିଆହତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦାନଗଦୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଡୁବୁରୀ, ଚାରିଦେଶ ଲକ୍ଷ୍ମୀନାରାୟଣ ହାଇସ୍କୁଲ, ଖରଡି ଆଦି ପ୍ରଭୃତି ବିଦ୍ୟାଳୟରୁ ୮୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କପିଳେଶ୍ୱର ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଅଭିସେକ ମହାନ୍ତ, ପ୍ରମୋଦ କୁମାର ମହାପାତ୍ର ଓ ରିଶିତ ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଯାଜପୁର ଜିଲା ପରିବେଶ ସମିତିର ମୁଖ୍ୟ ପ୍ରଶିକ୍ଷକ ବିଜୟ କୁମାର ସାହୁ, ୟ୍ୟୁକୋ କ୍ଲବର ସଂଯୋଜକ ସୁଧୀର କୁମାର ସାମଲ, ଶିକ୍ଷକ ପ୍ରତାପ ଘଡାଇ, ରାମକୃଷ୍ଣ ବାରିକ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଅମଳ ପାଇଁ ବିଲରେ ନାହିଁ ଧାନ

**ବିରଜାକ୍ଷେତ୍ର,୨୫।୧୧(ଡି.ଏନ୍.ଏ)**

**ଚାଷୀ ମୁଣ୍ଡରେ ଚଡ଼କ**
- ତାଉଁତରା ଜଳ ପ୍ରବାହିତ ଚେକ୍ ଗେଟ୍‌ରେ ହୋଇପାରିଲାନି ଜଳ ନିଷ୍କାସନ
- ବର୍ଷାଜଳ ଜମି ରହି ପଚିଗଲା ଧାନ ଗଛ
- ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ଚାଷୀ

କ୍ଷେତରେ ବହୁ ପରିଶ୍ରମ କରି ଧାନ ଅମଳ କରିବା ପାଇଁ ଚାଷୀ ଚାତକ ପରି ଚାହିଁ ରହିଥିବା ବେଳେ ଅମଳ ବେଳକୁ କ୍ଷେତରେ ଧାନ ନ ଥିବା ଦେଖି ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଚଳିତ ବର୍ଷ ଖରିଫ୍ ଧାନ ଚାଷ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ଫଳରେ ବିଲରେ ଅମଳ କରିବାକୁ ଧାନ ନାହିଁ। ଯାହାକୁ ନେଇ ଚାଷୀମାନେ ଋଣ କିପରି ପରିଶୋଧ କରିବେ ଓ ପରିବାର ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଗତ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବରରେ କ୍ରମାଗତଭାବେ ବର୍ଷା ଲାଗି ରହିଥିଲା। ଅଗଷ୍ଟରେ ଅଦିନିଆ ବର୍ଷା ଯୋଗୁ ଯାଜପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଖରିଫ୍ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଚାଷୀ ପୁନଶ୍ଚ ବିଲରେ ତଳି ରୋଇ ଚାଷ କରିଥିଲେ। କିନ୍ତୁ ସେପ୍ଟେମ୍ବର ଓ ଅକ୍ଟୋବରରେ କ୍ରମାଗତଭାବେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଚାଷଜମି ପ୍ରଭାବିତ ହୋଇଥିଲା। ଜମିରେ ଦୀର୍ଘଦିନ ଧରି ବର୍ଷାପାଣି ଜମି ରହିବାରୁ ଧାନ ଗଛଗୁଡ଼ିକ ପଚି ନଷ୍ଟ ହୋଇଥିଲା। ମାତ୍ର ଯେଉଁ ଧାନଗଛଗୁଡ଼ିକ ବର୍ଷା ପାଣିରୁ ବର୍ତ୍ତିଯାଇଥିଲା ସେଥିରୁ ଧାନ ଅମଳ କରିବେ ବୋଲି ଚାଷୀ ଭାବିଥିଲେ। ମାତ୍ର କ୍ରମାଗତଭାବେ ବର୍ଷା ହେବା ଦ୍ୱାରା ଧାନ ଗଛଗୁଡ଼ିକରେ ପାଣି ମିଶା ମାଟି ଲାଗି ରହିଥିଲା। ବର୍ଷାଜଳ ବିଲରୁ ନିଷ୍କାସନ ହେବା ପରେ ତାହା ଲୋଟି ଯାଇଥିଲା। ଧାନଗଛରେ ମାଟି ଲାଗି ରହିବାରୁ ଗଛଗୁଡ଼ିକରେ ଧାନ ଆସିଲା ନାହିଁ ଏବଂ ସେଗୁଡ଼ିକ ପଚି ନଷ୍ଟ ହୋଇଗଲା। ଲଗାଣ ବର୍ଷା ଯୋଗୁ ଚାଷ ଜମିରୁ ବର୍ଷାଜଳ ନିଷ୍କାସନ ହେବାରେ ତାଉଁତରା ଜଳ ପ୍ରବାହିତ ଚେକ୍ ଗେଟ୍ ବାଧା ସୃଷ୍ଟି କରିଥିଲା। ତାଉଁତରା ଜଳ ପ୍ରବାହିତ ଚେକ୍ ଗେଟ୍‌କୁ ସଙ୍କୁଚିତ କରାଯିବା ସହ ମାଟି ଲେବୁଲଠାରୁ ଉଚ୍ଚରେ ନିର୍ମିତ ହୋଇଥିବାରୁ ବର୍ଷାଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହୋଇଥିଲା। ବାସୁଦେବପୁର, ବଡ଼ ସୁଆର, ସାନ ସୁଆର, ମାର୍କଣ୍ଡପୁର, ବିଚିତ୍ରପୁର, ଜାହାନପୁର, ବାଲିଆମୁଣ୍ଡୁଳି, ବଇଁଭୂଇଁ, ଧନୀପୁର, ମୋଗଲପୁର, ତରଡୋଟା, ଛବାଟି ପ୍ରଭୃତି ମୌଜାର ଶହ ଶହ ଏକର ଧାନଗଛ ନଷ୍ଟ ହୋଇ କ୍ଷେତ ଫାଟିଯାଇଥିବା ଦେଖିବାକୁ ମିଳିଛି। ଖରିଫ୍ ଧାନ ଚାଷୀ ପ୍ରାଥମିକ କୃଷି ସମବାୟ ସମିତି ଓ ଜାତୀୟକରଣ ବ୍ୟାଙ୍କରୁ କରଜ ଆଣି ଚାଷ କରିଥିଲେ। ଧାନଚାଷରୁ ଯାହା ଲାଭ ମିଳିଥାନ୍ତା, ସେଥିରେ ବର୍ଷସାରା ପରିବାର ପ୍ରତିପୋଷଣ କରିବା ସହ ଋଣ ଶୁଝିବାରେ ଚାଷୀ ସଫଳ ହୋଇଥାନ୍ତା। ମାତ୍ର ଚଳିତ ବର୍ଷ ଖରିଫ୍ ଧାନଚାଷ ପ୍ରାକୃତିକ ଦୁର୍ବିପାକ ଯୋଗୁ କ୍ଷତି ହୋଇଥିବାରୁ ଚାଷୀ ଋଣ ପରିଶୋଧ ଓ ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ରହିଛି। ଖରିଫ୍ ଧାନଚାଷ ପ୍ରାକୃତିକ ଦୁର୍ବିପାକ ଯୋଗୁ କ୍ଷତି ହୋଇଥିବାରୁ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବାପାଇଁ ଚାଷୀ କୃଷ୍ଣମୋହନ ମହାପାତ୍ର, ଦିଲୀପ କୁମାର ମହାପାତ୍ର, ପ୍ରଫୁଲ୍ଲ ନାୟକ, ଗୋଲଖି ବରାଳ, ଜଗବନ୍ଧୁ ସାମଲ, ନିମାଇଁ ବେହେରା, ବୈଷ୍ଣବ ଚରଣ ନାଥ, ବିକ୍ରମ କେଶରୀ ମିଶ୍ର, ରଞ୍ଜିତ ଦାସ, ବିଜୟ କୁମାର ନାଥ, ଅରୁଣ କୁମାର ନାଥ, ଭାଗବତ ସାମଲ, ଶ୍ରୀହରି ଯେନା, ରବିନ୍ଦ୍ର ଯେନା, କୃଷ୍ଣ ଯେନାଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହାନ ହୋଇ ମଧ୍ୟ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ୍ୟ ସ୍ୱର୍ଗ ସୁଖ ଲାଭ କରିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ପରିବା ବ୍ୟବସାୟୀଙ୍କୁ ଆକ୍ରମଣ ଅଭିଯୋଗ: ଯୁବକ କୋର୍ଟଚାଲାଣ

**କୋରେଇ,୨୫।୧୧(ସ୍ୱ.ପ୍ର.):** ପରିବା ବ୍ୟବସାୟୀଙ୍କୁ ମରଣାନ୍ତିକ ଆକ୍ରମଣ ଅଭିଯୋଗରେ ପାଣିକୋଇଲି ପୋଲିସ ରବିବାର ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମର ତପନ ପଣ୍ଡା(୩୫)। ପରିବା ବ୍ୟବସାୟୀଙ୍କ ପୁଅର ଅଭିଯୋଗକୁ ଭିତ୍ତିକରି ପାଣିକୋଇଲି ପୋଲିସ ଏକ ମାମଲା(୧୯୨/୧୮) ରୁଜୁ କରିଛି। ପ୍ରକାଶ ଯେ, ଶନିବାର କୁଆଖିଆ ଥାନା ଅଧୀନ ଓଡ଼ିଶୋ ଗ୍ରାମର ନିରଞ୍ଜନ ଦଲେଇ ପରିବା ବିକ୍ରିକରି ଫେରୁଥିବା ବେଳେ କୌଣସି କାରଣରୁ ତପନଙ୍କ ସହ ବଚସା ହୋଇଥିଲା। ଏଥିରେ ତପନ ଉତ୍କ୍ଷିପ୍ତ ହୋଇ ନିରଞ୍ଜନଙ୍କୁ ଟାଙ୍ଗିଆ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବ୍ୟବସାୟୀ ଜଣକ ଗୁରୁତର ହୋଇଥିଲେ। ଏ ନେଇ ନିରଞ୍ଜନଙ୍କ ପୁଅ ରବିବାର ଥାନାରେ ଅଭିଯୋଗ କରିଥିଲେ।

### ହକି ବିଶ୍ୱକପ୍ ପାଇଁ ମିନି ମାରାଥନ

**ଦଶରଥପୁର, ୨୫।୧୧(ଡି.ଏନ.ଏ.):** ଦଶରଥପୁର ବ୍ଲକ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ କମାରଡିହ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ହକି ପାଇଁ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। କମାରଡିହ ସରପଞ୍ଚ ସ୍ମିତାରାଣୀ ବିଶ୍ୱାଳ ମାରାଥନକୁ ଉଦ୍‌ଘାଟନ କରିଥିଲେ। ଯୁବ ସଭାପତି ନିହାର ରଞ୍ଜନ ରାୟ ଓ ଚିତ୍ତରଞ୍ଜନ ନାୟକଙ୍କ ନେତୃତ୍ୱରେ ଯୁବ ବାହିନୀର ଶତାଧିକ ଯୁବକ ଦୌଡ଼ରେ ସାମିଲ ହୋଇ ପଞ୍ଚାୟତ ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେହିପରି ପାଳଟପୁର ପଞ୍ଚାୟତର ଯୁବବାହିନୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଗଣଦୌଡ଼ ଆରମ୍ଭ ହୋଇଥିଲା। ଏଥିରେ ସରପଞ୍ଚ ଝୁନାରାଣୀ ରାୟ ଏବଂ ସମିତିସଭ୍ୟା କବିତା କର ମାରାଥନ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରଞ୍ଜନ ପୃଷ୍ଟି, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ମଲ୍ଲିକ ଅତିଥିଭାବେ ଯୋଗ ଦେଇଥିଲେ।

### କଂଗ୍ରେସର କର୍ମୀ ସମ୍ମିଳନୀ

**କୋରେଇ,୨୫।୧୧(ସ୍ୱ.ପ୍ର.):** କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ରାଣୀଗୋଡ଼ାଠାରେ ରବିବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କରଦା ପଞ୍ଚାୟତର କଂଗ୍ରେସ ସଭାପତି ଦୟାନିଧି ସେନାପତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ନବ ନିର୍ବାଚିତ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଓ ସାଧାରଣ ସମ୍ପାଦିକା ନିର୍ମଳା ମଲ୍ଲିକ ଯୋଗ ଦେଇଥିଲେ। ଦୁଇ ନାରୀ ନେତ୍ରୀଙ୍କୁ କୋରେଇସ୍ଥିତ ମିନାବଜାର ପଡ଼ିଆରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯିବା ପରେ ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲା ଦଳିତ ସେଲର ଅଧ୍ୟକ୍ଷ ବାବୁଲାଲ ଗୁରୁ, ରାଜ୍ୟ ସେବା ଦଳର ସମ୍ପାଦକ ସୁରେନ୍ଦ୍ର ପାଣି, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ପ୍ରିୟବ୍ରତ ସାହୁ, ଯୋଗେନ୍ଦ୍ର ପାଣିଗ୍ରାହୀ, ନବୀନ ମଲ୍ଲିକ, ତ୍ରିଲୋଚନ ସାହୁ, ଦିଲୀପ ଜେନା, ପ୍ରଭାକର ମଲ୍ଲିକ, ବିଚିତ୍ର ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଜେଡି କର୍ମୀ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ୧୫ ଜଣ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ।

### ବୈଷ୍ଣବ ପରିଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଯାଜପୁରରୋଡ,୨୫।୧୧(ନି.ପ୍ର.):** ସ୍ଥାନୀୟ ଏକ ହୋଟେଲରେ ଶହୀଦ୍ ଭଗତ ସିଂ ଯୁବକ ସଂଘ ପକ୍ଷରୁ ରବିବାର ପୂର୍ବତନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ପରିଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସୂଚନା ପ୍ରଯୁକ୍ତି ବିଭାଗ ନିର୍ଦ୍ଦେଶକ ରବିନାରାୟଣ ବେହେରା ମୁଖ୍ୟ ଅତିଥି, ବରିଷ୍ଠ ଅଧାପକ ଶିବ ଚରଣ ମାଝି ମୁଖ୍ୟବକ୍ତା, ପିଡସି ପାଣି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୋହନ ଚରଣ ଖୁଣ୍ଟିଆ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗଦେଇ ବୈଷ୍ଣବଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ନାଏକ, ଅଚ୍ୟୁତ ପାତ୍ର, ନିରଞ୍ଜନ ଘଡେଇ, ଭୁବନମୋହନ ମହାନ୍ତି, ପ୍ରଣବ ବିଶ୍ୱାଳ ପ୍ରମୁଖ ବହୁ ବୁଦ୍ଧିଜୀବୀ ସାହିତ୍ୟିକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ହେମନ୍ତ କୁମାର ଧୀର ଧନ୍ୟବାଦ ଦେଇଥିଲେ।

## ବେଧଡ଼କ ଚାଲିଛି ବେଆଇନ କାରବାର

# ସର୍ବସ୍ୱାନ୍ତ କରୁଛି ଜୁଆ ଖେଳ

**କାଳିଆପାଣି,୨୫।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ସୀମାନ୍ତକୁ ଲାଗି ରହିଥିବା ଡମଶାଳ ନାଳର ଅପରପାର୍ଶ୍ୱ ଢେଙ୍କାନାଳ ଜିଲା ଅଧୀନ ଖରଖରୀ ଗ୍ରାମରେ ୬ ମାସ ହେବ ବେଆଇନଭାବେ ମାରାଙ୍ଗବୁରୁ ହାଟ ଚାଲିଛି। ସରକାରଙ୍କ ରେକର୍ଡଭୁକ୍ତ ନ ଥିବା ବେଳେ ପ୍ରତି ଗୁରୁବାର ଓ ଶନିବାର ଏହି ହାଟ ବସିଥାଏ। ଏଥିସହ ଏହି ହାଟରେ ବେଧଡ଼କ ଜୁଆ, ପଶା ଖେଳ, ଗଞ୍ଜା ଲଡ଼େଇ ଓ ନିଶା କାରବାର ହେଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ଏହି ହାଟ ରହିଛି। ଏହି ହାଟ ଯୋଗୁ ଅସାମାଜିକ କାର୍ଯ୍ୟକଳାପ, ଲୁଟ୍ ଆଦିର ଆଶଙ୍କା ଅଧିକ ଥିବାରୁ ତୁରନ୍ତ ହାଟ ବନ୍ଦ କରିବା ପାଇଁ ଗ୍ରାମବାସୀ ଶୁକ୍ରବାର ଢେଙ୍କାନାଳ ଜିଲାପାଳ, ଏସ୍‌ପିଙ୍କୁ ଲିଖିତଭାବେ ଜଣାଇଥିବା କହିଛନ୍ତି। ଦିନ ତମାମ ସମ୍ପୃକ୍ତ ସ୍ଥାନରେ ଜୁଆ ଖେଳ ଚାଲିଥାଏ।



- ୬ ମାସ ହେବ ଚାଲିଛି ବେଆଇନ ହାଟ
- ବେଆଇନ କାରବାର ବନ୍ଦ କରିବାକୁ ମହିଳା ଓ ଯୁବକ ସଂଘ ପକ୍ଷରୁ ହାଟ କମିଟିକୁ ଅନୁରୋଧ

ଫଳରେ ଗରିବ ଆଦିବାସୀ ଲୋକେ କମ୍ ସମୟରେ ଅଧିକ ରୋଜଗାର ଆଶାରେ କର୍ମକ୍ଷେତ୍ରକୁ ନ ଯାଇ ସେଠାରେ ଭିଡ଼ ଜମାଇଥାନ୍ତି। ରୋଜଗାରର ସମସ୍ତ ଅର୍ଥ ଜୁଆ ଖେଳରେ ଲଗାଇ ସର୍ବସ୍ୱାନ୍ତ ହୋଇ ଫେରିଥାନ୍ତି। ଏହାଦ୍ୱାରା ପରିବାରରେ ଅଶାନ୍ତି ଲାଗିରହୁଛି। ଏ ନେଇ ନିକଟରେ ଖରଖରୀ, ଗୋଡ଼ିସାହୀ, ବଳଦିଆପାଳ, ପିତଳଧୁଆ, ରଗଡ଼ା ସାହିର ଶତାଧିକ ମହିଳା ଓ ଯୁବକ ସଂଘ ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ହାଟ କମିଟିକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କମିଟି ସେମାନଙ୍କ କଥାକୁ କର୍ଣ୍ଣପାତ କରି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପଶା ଓ ଜୁଆ ଖେଳ ସମୟରେ ଗଣ୍ଡଗୋଳ ହେଉଥିବାରୁ କିଛିଦିନ ତଳେ ଜଣେ ନାବାଳକଙ୍କୁ ମାଡ଼ ମାରି ରକ୍ତାକ୍ତ କରାଯାଇଥିବା ନଜର ରହିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ କଙ୍କଡ଼ାହାଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କାଳିଆପାଣି ଥାନାଠାରୁ ୩/୪ କିମି ଦୂରରେ ଏହି ହାଟ ଚାଲୁଥିବା ବେଳେ ଖବର ପାଇଥିଲେ ମଧ୍ୟ ନିଜ ସୀମା ବାହାରକୁ ଯାଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଚିତ୍ ଭାବୁନାହାନ୍ତି। ଏ ନେଇ କାଳିଆପାଣି ଥାନାଧିକାରୀ ଯୁବରାଜ ସ୍ୱାଇଁଙ୍କୁ ପଚାରିବାରେ, ସୀମାନ୍ତରେ ରହିଥିବାରୁ ପଦକ୍ଷେପ ନିଆଯାଇପାରୁନାହିଁ। କଙ୍କଡ଼ାହାଡ଼ ଥାନାଧିକାରୀଙ୍କୁ ଯୋଗଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ଦଶରଥପୁର,୨୫।୧୧(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପରିଚାଳିତ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ଦଶରଥପୁର ବ୍ଲକ ଅଧୀନ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶଶୀକାନ୍ତ ଦାଶ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିବେଶ ସମିତି ସମ୍ପାଦକ ଅଧାପକ ଶରତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଇକୋ କ୍ଲବ ଇନଚାର୍ଜ ଅକ୍ଷୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଶିକ୍ଷକ ନୀଳମଣି ସାମନ୍ତ, ସୁବ୍ରତ କୁମାର ସାହୁ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଏବଂ ଶିକ୍ଷାକର୍ମୀ ଭରତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୯୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଯାଜପୁରର ନବମ ଶ୍ରେଣୀ ଛାତ୍ରୀ ସୁଲଗ୍ନା ପ୍ରିୟଦର୍ଶିନୀ ପ୍ରଥମ, ମହତାବ ନୋହାଲ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଏଲୋରା ଶୁଭଲକ୍ଷ୍ମୀ ମହାନ୍ତି ଦ୍ୱିତୀୟ ଓ ଡାହାଣହତା ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ମାନସ ରଞ୍ଜନ ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀମାନେ ଡିସେମ୍ବର ୨ ତାରିଖରେ ସରକାରୀ ବାଳିକା ବିଦ୍ୟାଳୟ ଯାଜପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିସହ ଆସନ୍ତା ୧୪ ତାରିଖରେ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଅଗ୍ନିକାଣ୍ଡରେ ୫ ଗୋରୁ ଜୀବନ୍ତଦଗ୍ଧ

**ଚଣ୍ଡିଖୋଲ, ୨୫।୧୧(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ପଞ୍ଚାୟତ ଉଗରପଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏହି ଗ୍ରାମର ଅମୀୟ ରଞ୍ଜନ ପୃଷ୍ଟିଙ୍କ ଗୁହାଳ ଘରେ ୩ ଗାଈ ଓ ୨ ବାଛୁରୀ ବନ୍ଧା ହୋଇଥିବା ବେଳେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଗୋରୁ ଜୀବନ୍ତ ଦଗ୍ଧ ହେବା ସହ ଗୁହାଳ ଘର ପୋଡି ପାଉଁଶ ହୋଇଯାଇଛି। ରବିବାର ଖବରପାଇ ରାଜ୍ୟ ଭାଜପା ମୁଖପାତ୍ର ଓ ବଡ଼ଚଣା ଭାଜପା ନେତା ଅମର ନାୟକ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସରକାରୀ ସାହାଯ୍ୟ ପାଇଁ ଦାବି କରିଛନ୍ତି।

## ଭାଇଚାରା ବଞ୍ଚାଇ ରଖିଛି ଡାକନାମା ପର୍ବ

**ବରୀ,୨୫।୧୧(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତସ୍ଥିତ ଗହପାଳ ଗ୍ରାମର ଡାକନାମା ପର୍ବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଭାଇଚାରା ବଞ୍ଚାଇ ରଖିବା ପାଇଁ ଡାକନାମା ପର୍ବ ପାଳନ ହୋଇ ଆସୁଛି ବୋଲି କୁହାଯାଇଛି। ଶନିବାରଠାରୁ ଗ୍ରାମ ପରିକ୍ରମା ମାଧ୍ୟମରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ଭଗବାନଙ୍କ ଶହେଆଠ ନାମ ଜପ କରାଯାଇଛି। ଗାଁର ଛକଗୁଡ଼ିକରେ ଦଶ ଅବତାର ସହ ଛଅ ମୁନି ଋଷିଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଗହପାଳ ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା ବେଳେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ପର୍ବରେ ସାମିଲ ହୋଇ ନିଜକୁ ହରିନାମରେ ବିଭୋର କରିଥିଲେ। ସ୍ୱର୍ଗତ ଶିକ୍ଷାବିତ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୃସିଂହ ଅବତାର କୋଠୀ ନିକଟରେ ସନ୍ଥସେବକ ସାହୁ, ବରଦା ପ୍ରସନ୍ନ ସାହୁ, ମାଧବାନନ୍ଦ ମଲ୍ଲିକ, ବ୍ରଜମୋହନ ସାହୁ, ସତୀଶ ସାହୁ ପ୍ରମୁଖ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଆଧ୍ୟାତ୍ମିକତା ବଜାୟ ଏହି ପର୍ବର ମୂଳ ଲକ୍ଷ୍ୟ ବୋଲି ଗ୍ରାମର ବରିଷ୍ଠ ନାଗରିକ ପିତାମ୍ବର ବାରିକ, ଧ୍ରୁବଚରଣ ଦାସ, ରାମଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି।

## ବିସ୍ଥାପିତଙ୍କ ସମସ୍ୟାର ହେଉନି ସମାଧାନ

# କାରଖାନା ମୁଖ୍ୟ ଫାଟକରେ ତାଲା ପକାଇବାକୁ ଚେତାବନୀ

**ଡୁବୁରୀ, ୨୫।୧୧(ଡି.ଏନ୍.ଏ.)**

କଳିଙ୍ଗନଗରର ଏକ ମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ କାରଖାନା ପ୍ରତିଷ୍ଠାର ଅନେକ ବର୍ଷପରେ ମଧ୍ୟ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏହାର ପ୍ରତିବାଦରେ ବିସ୍ଥାପିତ ପରିବାରମାନେ ଆଗାମୀ ଦିନରେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ଫାଟକରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ରବିବାର ସ୍ଥାନୀୟ ନୂଆଗାଁଠାରେ କମିଟି ସଭାପତି ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ଦୀର୍ଘ ୨୦ ବର୍ଷ ହେବ କାରଖାନା ଉତ୍ପାଦନ କ୍ଷମ ହୋଇଥିବାବେଳେ ସମସ୍ତ ଜମିହରାଙ୍କୁ ଅଦ୍ୟାବଧି ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ଚାକିରିରେ ଥାଇ ମୃତ୍ୟୁ ବରଣ କରିଥିବା ପରିବାରକୁ ଉତ୍ତରାଧିକାରୀ ସୂତ୍ରରେ ନିଯୁକ୍ତି ପ୍ରଦାନ, ବିସ୍ଥାପିତ କଲୋନୀବାସୀଙ୍କ ବିଭିନ୍ନ ମୌଳିକ ସୁବିଧା, ବିସ୍ଥାପିତଙ୍କୁ ଘରଡିହ ପଟା ପ୍ରଦାନ କରାଯାଇ ନ ଥିବା ଆଦି ବିଭିନ୍ନ ସମସ୍ୟା ସମାଧାନ ଉପରେ ବୈଠକରେ ଆଲୋଚିତ ହୋଇଯାଇଛି। ଏ ନେଇ ବହୁବାର କାରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏହାର ପ୍ରତିବାଦରେ ଆଗାମୀ ଦିନରେ କାରଖାନା ଅଚଳ କରାଯିବାକୁ ନେଇ ବୈଠକରେ ଚେତାବନୀ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାବୁଲି ପୂର୍ତ୍ତୀ, ମହିରାମ ପୂର୍ତ୍ତି, ଉଦୟନାଥ ମାଝି, ଇନ୍ଦ୍ରମଣି ମହାନ୍ତ, ଲକ୍ଷ୍ମଣ ଗୁଡୁ, ସୁଶାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କାରଖାନା କର୍ପୋରେଟ କମ୍ୟୁନିକେଶନର କନିଷ୍ଠ ପରିଚାଳକ ସନ୍ଦୀପ ସେଠୀଙ୍କୁ ପଚାରିବାରୁ ସମସ୍ତ ବିସ୍ଥାପିତଙ୍କୁ କାରଖାନାରେ ଚାକିରି ପ୍ରଦାନ କରାଯାଇଛି। ଏକ ମାତ୍ର ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଚାକିରି କିମ୍ବା ଚାକିରି ବଦଳରେ ଅର୍ଥ ପ୍ରଦାନ କରାଯାଇ ନାହିଁ। ଚାକିରିରେ ଥାଇ ମୃତ୍ୟୁ ବରଣ କରିଥିବା ପରିବାରଙ୍କ ଉତ୍ତରାଧିକାରୀ ସୂତ୍ରରେ ନୀଳାଚଳ ଇସ୍ପାତ କାରଖାନାରେ ୧୭ ଜଣଙ୍କୁ ଚାକିରି ପ୍ରଦାନ କରାଯାଇଛି। ତେବେ ବିସ୍ଥାପିତ କଲୋନୀରେ ରାସ୍ତାଘାଟ ମରାମତି ପାଇଁ କାରଖାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ।



ବିସ୍ଥାପିତଙ୍କ ପରିବାର ପକ୍ଷରୁ ଆୟୋଜିତ ବୈଠକ।

## ୧୪ ଦିନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା

# ସାମିଲ ହେଲା କୋରେଇ ମଣ୍ଡଳ କୃଷକ ମଞ୍ଚ

**କୋରେଇ,୨୫।୧୧(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିଠାରେ ନିର୍ମାଣ କରିବା ଦାବି ନେଇ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ରବିବାର୧୪ ଦିନରେ ପହଞ୍ଚିଛି। ଏହି ଧାରଣାରେ କୋରେଇ ମଣ୍ଡଳ କୃଷକ ମଞ୍ଚ ସଦସ୍ୟ ସାମିଲ ହୋଇଥିଲା। କୃଷକ ମଞ୍ଚ ଆବାହକ ବଳରାମ ସାହୁଙ୍କ ପୌରୋହିତ୍ୟରେ ଏକ ବିଶାଳ ଶୋଭାଯାତ୍ରାରେ କୃଷକ ମାନେ ଧାରଣାସ୍ଥଳକୁ ଆସିଥିଲେ। ମଞ୍ଚର ସଦସ୍ୟ ଅଭିରାମ ସାହୁ, ଅନାମ ମହାପାତ୍ର, ଗଙ୍ଗାଧର ସାହୁ, ପୀତାମ୍ବର ଦାସ, ମନୋଜ କୁମାର ଦାସ, ସୁବାସ ଚନ୍ଦ୍ର ସାହୁ, ଜଗବନ୍ଧୁ ପ୍ରହରାଜ, ବଟକୃଷ୍ଣ ପଣ୍ଡା, ନଟବର ବାରିକ, ଚୈତନ୍ୟ ବାରିକ, ଅନିଲ ସାହୁ, ସନାତନ ଦାସ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ସୁବାସ ଧଳ, ଭ୍ରମରବର ରାଉତ,ପ୍ରଫୁଲ୍ଲ ନାୟକ, ବସନ୍ତ କୁମାର ବେହେରା, ରାକେଶ କୁମାର ସାହୁ, ବିଶ୍ୱନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାସ୍ଥଳରେ ବସିଥିବା କୃଷକ ମଞ୍ଚ ସଦସ୍ୟ।

## ୯ମ ଉଦୟଗିରି ବୁଦ୍ଧ ମହୋତ୍ସବ ପାଇଁ ପ୍ରସ୍ତୁତି

**ବାଲିଚନ୍ଦ୍ରପୁର,୨୫।୧୧(ସ୍ୱ.ପ୍ର.)**

ବିଶ୍ୱ ପ୍ରସିଦ୍ଧ ବୌଦ୍ଧବିହାର ଉଦୟଗିରିଠାରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ୯ମ ଉଦୟଗିରି ବୁଦ୍ଧ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ମହୋତ୍ସବ କମିଟି ପକ୍ଷରୁ ରବିବାର ଉଦୟଗିରିଠାରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାନେତ୍ରୀ ଅରୁନ୍ଧତୀ ଦେବୀ ଅଧ୍ୟକ୍ଷତା କରିଥିଲେ। ଏହି ମହୋତ୍ସବରେ ରାଜ୍ୟପାଳ ଗଣେଶି ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ବୌଦ୍ଧ ଐତିହ୍ୟ ଓ କୀର୍ତ୍ତିରାଜିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରାଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ସେହିପରି ଉଚ୍ଚ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ବୌଦ୍ଧ ଧର୍ମର ପ୍ରାସଙ୍ଗିକତା ଶୀର୍ଷକ ଲିଖନ ପ୍ରତିଯୋଗିତା ଆୟୋଜିତ ହେବ। ଉଦୟଗିରି ପୁସ୍ତକ ୮ମ ସଂଖ୍ୟା ଉନ୍ମୋଚନ, ଆଲୋଚନାଚକ୍ର, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ ବୋଲି ସମିତି ଆବାହକ ମହେଶ୍ୱର ବଳ ସୂଚନା ଦେଇଛନ୍ତି।

## ହକି ପାଇଁ ଗଣଦୌଡ଼

**ସିଂହପୁର, ୨୫।୧୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ହକି ଇଣ୍ଡିଆ ପାଇଁ ରବିବାର ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଗଣଦୌଡ଼ରେ ଦୁଇଶହ ଯୁବକ ଭାଗ ନେଇଥିଲେ। ପିଣ୍ଟୁ ମଲ୍ଲିକ ପ୍ରଥମ, ବ୍ରହ୍ମାନନ୍ଦ ମଲ୍ଲିକ ଦ୍ୱିତୀୟ, ଶୁଭକାନ୍ତ ମଲ୍ଲିକ ତୃତୀୟ ହୋଇଥିଲେ। ନନ୍ଦକିଶୋର ମଲ୍ଲିକ, ଉମାକାନ୍ତ ଦାସ, କଲ୍ୟାଣ ଦାସ, ରଥ ସାମଲ, ରୁଦ୍ର ଦାସ, ମାୟାଧର ଦାସ, ବାଉରିବନ୍ଧୁ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ଦୁଷ୍ମନ୍ତ ମଲ୍ଲିକ, ବାଦଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହରେକୃଷ୍ଣ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଧର୍ମଶାଳା, ୨୫।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମାଜାର୍ ପଡିଆରେ ଚୋରମୁହାଁ ୟୁଥ୍ କ୍ଲବ ଆନୁକୂଲ୍ୟରେ ରବିବାର ପ୍ରଥମ ବାର୍ଷିକ ହରେକୃଷ୍ଣ ରାଉତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସୁଚିସ୍ମିତା ସାମଲ ଓ ସମିତି ସଭ୍ୟା ଗୀତାଞ୍ଜଳୀ ପ୍ରଧାନ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମ ମ୍ୟାଚ୍‌ରେ ସେବତୀପୁରକୁ ହରାଇ ଭୁବନ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚ୍‌ରେ ନରସିଂହପୁରକୁ ହରାଇ ସତମ୍ଧା ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭୁବନ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭର୍‌ରେ ୭ଉଇକେଟ ହରାଇ ୯୯ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଶୁଭମ୍ ଦାସ ୪୧ ରନ୍ କରିଥିଲେ। ଜବାବ୍‌ରେ ସେବିତୀପୁର ଦଳ ୮ ଓଭର୍‌ରେ ବିଜୟୀ ହୋଇଥିଲା। ଦଳପକ୍ଷରୁ ଜେ ଖଟୁଆ ସର୍ବାଧିକ ୩୮ରନ୍ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ନରସିଂହପୁର ନିର୍ଦ୍ଧାରିତ ୧୨ ଓଭର୍‌ରେ ୯ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଚ୍ଚିଦାନନ୍ଦ ୩୦ ରନ୍ ସଂଗ୍ରହ କରିଥିଲେ। ଜବାବ୍‌ରେ ସତମ୍ଧା ଦଳ ୯ ଓଭରରେ ୫ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଅଶୋକ ସର୍ବାଧିକ ୪୨ରନ୍ ସଂଗ୍ରହ କରିଥିଲେ। ଖେଳକୁ ସୁମନ ଦାସ ଓ ସ୍ମୃତି ରଞ୍ଜନ ସାମଲ ପରିଚାଳନା କରିଥିଲେ। ସୋମବାର ବାମଦେଇପୁର ସହିତ କାଏମା ଓ ଜାରକା ସହିତ ଅଭୟପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

**ଭୁବନ ଓ ସତମ୍ଧା ବିଜୟୀ**

## ୯ମ ବ୍ୟାସ ମିଡିଆ କପ୍

# ଯାଜପୁର ପ୍ରେସ କ୍ଲବକୁ ହରାଇ ଓଏସ୍ଆରୟୁ ଚାମ୍ପିୟନ

**ଯାଜପୁର ଅଫିସ,୨୫।୧୧**

ଯାଜପୁର ରୋଡ଼ ଏନ୍‌ସି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ୯ମ ବ୍ୟାସ ମିଡିଆ କପ୍‌ରେ ଓଡିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିଟ (ଓଏସ୍ଆରୟୁ) ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବ୍ୟାସନଗର ପ୍ରେସ ଫୋରମ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଓଏସ୍ଆରୟୁ ୧୩ରନରେ ଯାଜପୁର ପ୍ରେସ କ୍ଲବକୁ ପରାସ୍ତ କରିଥିଲା। ପ୍ରେସ କ୍ଲବ ଟସ୍ ଜିଣି ଓଏସଆରୟୁ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଓଏସଆରୟୁ ନିର୍ଦ୍ଧାରିତ ଓଭରରେ ୫ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରେସ କ୍ଲବ ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୮୭ ରନ କରିଥିଲା। ଏହାପୂର୍ବରୁ ଅନୁଷ୍ଠିତ ଲିଗ ମ୍ୟାଚରେ ଲୟର୍ସ କ୍ଲବ ହରାଇ ପ୍ରେସକ୍ଲବ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସେମିଫାଇନାଲରେ ଯାଜପୁର ପୋଲିସକୁ ୮ ୱିକେଟରେ ହରାଇ ପ୍ରେସକ୍ଲବ ଫାଇନାଲକୁ ପ୍ରବେଶ କରିଥିଲା। ଉଦଯାପନୀ ସମାରୋହରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହାସହ ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଓ ସବିତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ସହ ୩ହଜାର ଟଙ୍କା ପୁରସ୍କାର ଦେଇଥିଲେ। ଫୋରମ ସଭାପତି ଅଭୟ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ସମ୍ପାଦକ ଉଦୟନାଥ ଖଣ୍ଡାଇ ବିବରଣୀ ପ୍ରଦାନ କରିଥିଲେ। ଖେଳ ବିଭାଗ ଅଧ୍ୟକ୍ଷ ପ୍ରବୀର ଜେନା ଏବଂ ସହସମ୍ପାଦକ ଦୟାନିଧି ନାୟକ ପୁରସ୍କାର ବିତରଣ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ ଜେନା ମ୍ୟାନ ଅଫ ଦି ସିରିଜ, ତ୍ରିଲୋଚନ ପାଣ୍ଡେ ମ୍ୟାନ ଅଫ ଦି ମ୍ୟାଚ, ହିମାଂଶୁ ସାମନ୍ତ ବେଷ୍ଟ ବୋଲର, ଏବଂ ବେଷ୍ଟ ଫିଲଡ଼ର ଭାବେ ଆଲୋକ ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ପୂର୍ବ ମ୍ୟାଚରେ ନିମନ୍ତ୍ରିତ ଅତିଥି ଭାବେ ଯାଜପୁର ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ସଂଗ୍ରାମ ସିଂହ, ହର୍ଷବର୍ଦ୍ଧନ ବେହେରା, ପିତବାସ ଭୂୟାଁ, ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଧନେଶ୍ୱର ବାରିକ ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ରାଜେଶ ରାଉତ ଏବଂ ପ୍ରକାଶ ଜେନା ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ପ୍ରକାଶ ସାମଲ ଏବଂ ଅଜୟ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ଜ୍ଞାନରଞ୍ଜନ ଓଝା ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଟିମ୍।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ପାରାଦୀପ,୨୫।୧୧(ସ୍ୱ.ପ୍ର.):** ପାରାଦୀପ ଉପକଣ୍ଠ ନିମିତି ଗ୍ରାମରେ ରବିବାର ଅପରାହ୍ଣରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିକାଶ ନାଥଶର୍ମା ଓରଫ ଟିକୁ (୨୪)। କାର୍ତ୍ତିକ ପୂର୍ଣ୍ଣିମିରେ ଲୋକେ ପୋଖରୀରେ ଭସାଇଥିବା ଡଙ୍ଗା ଅଣେଇ ହୋଇପଡ଼ିଥିବା ଦେଖି ସେ ସଜାଡିବାକୁ ପାଣିରେ ପଶିଥିଲେ। କିନ୍ତୁ ଫେରି ନ ପାରି ପୋଖରୀରେ ବୁଡ଼ିଯାଇଥିଲେ। ପୋଖରୀ ହୁଡ଼ାରେ ଥିବା ତାଙ୍କ ସାଙ୍ଗ ଏହା ଦେଖି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ପ୍ରାୟ ୨ଘଣ୍ଟା ଖୋଜାଖୋଜି ପରେ ଟିକୁଙ୍କୁ ଉଦ୍ଧାର କରି ତୈଳ ବିଶୋଧନାଗାର ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ୮ହଜାର ଛାତ୍ରୀଛାତ୍ର ଦେଖିଲେ ଯୁଦ୍ଧଜାହାଜ

**ପାରାଦୀପ,୨୫।୧୧(ସ୍ୱ.ପ୍ର.):** ପାରାଦୀପରେ ଲାଗିଥିବା ନୌସେନାର ୨ ଯୁଦ୍ଧ ଜାହାଜ ରବିବାର ସନ୍ଧ୍ୟାରେ ଫେରିଯାଇଛି। ଦୁଇ ଦିନରେ ୮ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଜନସାଧାରଣ ଏହି ଜାହାଜ ଦେଖିଥିଲେ। ଦୁଇ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ସୁମେଧା ଓ ତିହାୟୁ ପ୍ରଥମକରି ପାରାଦୀପ ଆସିଥିଲା। ନୌସେନା ସପ୍ତାହ ପାଳନର ଅବ୍ୟବହିତ ପୂର୍ବରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନୌସେନାର ଅଧିକାରୀମାନେ ଜାହାଜ ଭିତରକୁ ନେଇ ଯୁଦ୍ଧ ଜାହାଜ ସମ୍ପର୍କରେ ବୁଝାଇଥିଲେ। ପାରାଦୀପରେ ଲୋକମାନେ ଶାନ୍ତି ଶୃଙ୍ଖଳାର ଜାହାଜ ଦେଖିଥିବାରୁ ନୌସେନା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛି ବୋଲି ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

### ରାଧା ଶକ୍ତିର ଆଧାର: ବାବା ବଳିଆ

**ତିର୍ତ୍ତୋଲ,୨୫।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଳକ ଅରିଲିସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ସାଂସ୍କୃତିକ ପ୍ରଗତି ପରିଷଦର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏହାକୁ ବାବା ବଳିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ରାଧା ହେଉଛନ୍ତି ଶକ୍ତିର ଆଧାର। ସେ ବ୍ୟକ୍ତି ନୁହନ୍ତି। କିନ୍ତୁ ରାଧାଙ୍କୁ ବ୍ୟକ୍ତି ଭାବେ ଚିତ୍ରଣ କରାଯାଉଥିବାରୁ ସେ ସଂକୀର୍ଣ୍ଣ ହୋଇଯାଇଛନ୍ତି। କାର୍ଯ୍ୟକ୍ରମରେ ପରିଷଦର ସଭାପତି ସ୍ୱାମୀ ଚିଦାନନ୍ଦ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଅସିତ ମହାନ୍ତି, ତ୍ରିନାଥ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଧାତତ୍ତ୍ୱର ବିଶ୍ଳେଷଣ କରିଥିଲେ। ସମ୍ପାଦକ ବସନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱାମୀ ଚିଦାନନ୍ଦଙ୍କ ଲିଖିତ ପୁଣ୍ୟତୋୟା ପୁସ୍ତକ ଓ କୃଷ୍ଣଚନ୍ଦ୍ର ସାହୁଙ୍କ ଦ୍ୱାରା ରଚିତ ସୂର୍ଯ୍ୟମୁଖୀ କବିତା ସଂକଳନ ଉନ୍ମୋଚିତ ହୋଇଥିଲା। ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ନାୟକ ଧନ୍ୟବାଦ ଦେଇଥିଲେ।

### ସୂର୍ଯ୍ୟକାନ୍ତ ପୌର କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ

**ଜଗତ୍‌ସିଂହପୁର ଅଫିସ, ୨୫।୧୧:** ଜଗତ୍‌ସିଂହପୁର ପୌର ପରିଷଦ କଂଗ୍ରେସ କମିଟି ଓବିସି ବିଭାଗ ଅଧ୍ୟକ୍ଷ ଭାବେ ସ୍ଥାନୀୟ ମକୁନ୍ଦପୁର (ସିପି)ର ସୂର୍ଯ୍ୟକାନ୍ତ ସାହୁଙ୍କୁ ନୂଆ ଦାୟିତ୍ୱ ମିଳିଛି।

### ବରିଷ୍ଠ ନାଗରିକଙ୍କୁ ପୂଜ୍ୟପୂଜା ସମ୍ମାନ

**ରଘୁନାଥପୁର,୨୫।୧୧(ଡି.ଏନ.ଏ.):** ରଘୁନାଥପୁର ବ୍ଳକ ରେଢୁଆସ୍ଥିତ ରାମଦୟ ପରିଷଦ ଆନୁକୂଲ୍ୟରେ ରଘୁନାଥଜୀଉ ଟ୍ରଷ୍ଟ ପକ୍ଷରୁ ୧୫୦ଜଣ ବରିଷ୍ଠ ନାଗରିକଙ୍କୁ ପୂଜ୍ୟପୂଜା ସମ୍ମାନ ଦିଆଯାଇଛି। ଉତ୍ସବରେ ମଙ୍ଗଳଦାସ ମହାରାଜଙ୍କ ପୌରହିତ୍ୟରେ ପଣ୍ଡିତ ନିରଞ୍ଜନ ରଥ, ସାଧୁ ବ୍ରହ୍ମାନନ୍ଦ ଦାସ ଓ ଅନଙ୍ଗ ଦାସ ପ୍ରମୁଖ ଉପସ୍ଥିତ ହୋଇ ଭଗବତ୍ ଗୀତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ଅଧାପକ ଭଗବାନ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ସାହୁ, ନିରଞ୍ଜନ ପାତ୍ର ପ୍ରମୁଖ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ରେଢୁଆ ମଠର ମହନ୍ତ ଅଧିକାରୀ ଅନନ୍ତ ପ୍ରସାଦ ସ୍ୱାଇଁ, ଶରତ ଚନ୍ଦ୍ର ବାରିକ, ନିମାନନ୍ଦ ଦାସ, ସରୋଜ ନାୟକ, ସୁମନ ଜେନା ଓ ବିପିନ୍ ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଜମୁଛି ବାଲିଯାତ୍ରା

**ପାରାଦୀପ,୨୫।୧୧(ସ୍ୱ.ପ୍ର.):** ପାରାଦୀପର ବିଜୁ ମଇଦାନ ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ରବିବାର ୪ର୍ଥ ଦିନରେ ପ୍ରବଳ ଭିଡ଼ ଜମିଛି। ଜନଗହଳି ସାଙ୍ଗକୁ ବ୍ୟବସାୟୀଙ୍କ ବିକ୍ରିବଟା ଭଲ ହୋଇଛି। ସ୍ଥାନୀୟ ହନୁମାନ ମନ୍ଦିରଠାରୁ ବାଲିଯାତ୍ରା ପଡ଼ିଆ, କଲେଜ ରୋଡ୍‌ର ମଧୁବନ ଛକ ଓ ନୂଆବଜାର ବତୀଘର ଗଡ଼ାଣି ରାସ୍ତାରେ ଗାଡିମୋଟର ଜାମ ହୋଇଯାଇଛି। ସ୍ଥିତି ଏଭଳି ହୋଇଛି ଯେ ସନ୍ଧ୍ୟାରେ ଉକ୍ତ ୩ ସଂଯୋଗ ରାସ୍ତାରେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇଛି। ରବିବାର ଛୁଟି ଦିବସ ପାଇଁ ମଞ୍ଚରେ ଅପରାହ୍ଣ ୨ଟାରୁ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବାହ୍ଣରେ ହକି ବିଶ୍ୱକପ୍ ପାଇଁ ଗଣଦୌଡ଼, କବିତା ପାଠୋତ୍ସବ ହୋଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା, କରାଟେ ଖେଳ ପ୍ରଦର୍ଶନ, ଆଧୁନିକ ନୃତ୍ୟ, କ୍ଷୁଦ୍ର ନାଟକ, ଗୀତିନାଟ୍ୟ ଓ ମାଟି ମେଘ ମୟୁରୀ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଖ୍ୟାତ ଯାତ୍ରା ଓ ସିନେ କଳାକାରମାନେ ନିଜ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

## ଯୁବବାହିନୀର ହାଫ୍ ମାରାଥନ

ହକି ବିଶ୍ୱକପ୍ ପାଇଁ ବିଜୁ ଯୁବ ବାହିନୀ ପକ୍ଷରୁ ହାଫ୍ ମାରାଥନ ଅନୁଷ୍ଠିତ ହୋଇଛି। ବଡ଼ପଡିଆ ଥାନା ଛକଠାରୁ ଏହା ଆରମ୍ଭ ହୋଇ ବାଲିଯାତ୍ରା ମଞ୍ଚ ପାଖରେ ଶେଷ ହୋଇଥିଲା। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକି ବିଶ୍ୱକପ୍ ଆୟୋଜନରେ ନବୀନ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଉପାଧ୍ୟକ୍ଷା ପ୍ରଭାତି ନାୟକ, କାଉନ୍‌ସିଲର ଶଙ୍କର ପ୍ରସାଦ ରାଉତ ଉପସ୍ଥିତ ଥିଲେ। ଯୁବ ବାହିନୀ ସଦସ୍ୟ ଆଶିଷ ମହାପାତ୍ର, ଆଲୋକ ମହାପାତ୍ର, ବିଶ୍ୱଜିତ ରାଉତ, ବିନୟ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ପରେ ଯୁବ ବାହିନୀ ପକ୍ଷରୁ ବାଲିଯାତ୍ର ପଡିଆ ସଫା କରାଯାଇଥିଲା।

## କବିତା ପାଠୋତ୍ସବ

କଳିଙ୍ଗ ବାଲିଯାତ୍ରା ଓ ନୌବାଣିଜ୍ୟ ପରମ୍ପରାକୁ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଆସରକୁ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧିର ଉଦ୍‌ଘାଟନ କରିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ସେଠୀ, ଗାଳ୍ପିକ ରବି ସ୍ୱାଇଁ, ନଗେନ୍ଦ୍ର ସ୍ୱାଇଁ, ଡା.ଦେବଦତ୍ତ ସାମନ୍ତରାୟ, ହାରାମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟଲ ଆବଣ୍ଟନକୁ ନେଇ ବିବାଦ

ବାଲିଯାତ୍ରାରେ ଷ୍ଟଲ ଆବଣ୍ଟନ ଓ ମୂଲ୍ୟାୟନକୁ ନେଇ ବିବିଧତା ଦେଖାଦେଇଛି। ବାଲିଯାତ୍ରା ୪ଦିନ ବିତିଥିଲେ ମଧ ଷ୍ଟଲ ଆବଣ୍ଟନ ବ୍ୟବସ୍ଥିତ କରାଯାଇ ନ ଥିବାରୁ ବିବାଦ ମୁଣ୍ଡ ଟେକିଛି। କେତେଜଣ ବ୍ୟବସାୟୀ ଷ୍ଟଲ ନ ପାଇ ନିରାଶା ବ୍ୟକ୍ତ କରିଛନ୍ତି। ଅନ୍ୟ କେତେଜଣ ଷ୍ଟଲ ପାଇଁ ଟଙ୍କା ଦେଇଥିଲେ ମଧ୍ୟ ଷ୍ଟଲ ପାଇନାହାନ୍ତି। ସେମାନଙ୍କୁ ଜମା ଅର୍ଥ ଫେରାଇବାକୁ ବାଲିଯାତ୍ରା କମିଟି ନିଷ୍ପତ୍ତି ନେଇଛି। ଲୋକଙ୍କ ଭିଡ଼ ଓ ଭଲ ବ୍ୟବସାୟ ଯୋଗୁ ରବିବାର କେନ୍ଦୁଝର ଜିଲାରୁ କେତେକ ବ୍ୟବସାୟୀ ଘର କରଣା ସାମଗ୍ରୀ ନେଇ ଆସିଛନ୍ତି। ସେମାନଙ୍କୁ ଷ୍ଟଲ ମିଳିନାହିଁ। ପଲ୍ଲିଶୀ ମେଳାରେ ଷ୍ଟଲ ପିଛା ୭ହଜାର ଟଙ୍କା ଦେବାକୁ ସେମାନେ ରାଜି ହୋଇଥିଲେ ସୁଦ୍ଧା ଷ୍ଟଲ ପାଇନାହାନ୍ତି। କେତେଜଣ ବ୍ୟବସାୟୀ ଗ୍ରାଉଣ୍ଡ ଭଡ଼ା ଜମା କରି ତାକୁ ଷ୍ଟଲ ନିର୍ମାଣ କରି ବିକ୍ରି କରୁଛନ୍ତି।



ବାଲିଯାତ୍ରାରେ ହକି ବିଶ୍ୱ କପ୍ ପାଇଁ ହୋଇଥିବା ମାରାଥନ ଦୌଡ଼ କାର୍ଯ୍ୟକ୍ରମ।




ବାଲିଯାତ୍ରା ଅବସରରେ ହୋଇଥିବା ରାଜ୍ୟସ୍ତରୀୟ କବିତା ପାଠୋତ୍ସବ।


ଷ୍ଟଲ୍‌ରେ ବିକ୍ରି ହେଉଥିବା ବେତ ତିଆରି ସାମଗ୍ରୀ।

## କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ

**ବାଲିଆ,୨୫।୧୧:** ବିରିଡ଼ି ବ୍ଳକର ବିଭିନ୍ନ ଅଞ୍ଚଳରେ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବେଲେଶ୍ୱରପୁର ମଲ୍ଲିକ ସାହି ପୂଜା କମିଟି ଦ୍ୱାରା ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କ ଭସାଣି ଶୋଭାଯାତ୍ରା କରାଯାଇଥିଲା। ପୂଜା କମିଟି ସଭ୍ୟ ସନ୍ତୋଷ ମଲ୍ଲିକ, ଦେବେନ୍ଦ୍ର ମଲ୍ଲିକ, ଅରୁଣ ପ୍ରସାଦ ମଲ୍ଲିକ, ଆନନ୍ଦ ମଲ୍ଲିକ, ସୁବ୍ରତ ମଲ୍ଲିକ, ପ୍ରକାଶ ମଲ୍ଲିକ, ବିକାଶ ମଲ୍ଲିକ, ସିତାଂଶୁ ମଲ୍ଲିକ, ଅଭିଜିତ ମଲ୍ଲିକ, ସୌଭାଗ୍ୟ ଦାସ, ତ୍ରିଲୋଚନ ମଲ୍ଲିକ, ବିକ୍ରମ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।


ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ମେଢ଼ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ଏରସମା,୨୫।୧୧(ସ୍ୱ.ପ୍ର.):** ଏରସମା ବ୍ଳକ ପୋଖରିଆପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ନିଶା ନିବାରଣ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ନିତ୍ୟାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି କୈଳାସ ଚନ୍ଦ୍ର ବେହେରା ଯୋଗଦେଇ କହିଲେ ଯେ ରାଜସ୍ୱ ପାଇଁ ସରକାର ଗ୍ରାମାଞ୍ଚଳରେ ମଦ ଦୋକାନ ଖୋଲିଦେବା ଦ୍ୱାରା ନିଶା କାରବାର ବ୍ୟାପୁଛି। ଯୁବପିଢି ପଥଭ୍ରଷ୍ଟ ହେଉଛନ୍ତି। ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଏହାକୁ ରୋକିବାକୁ ଉଦ୍ୟମ ହେବା ଆବଶ୍ୟକ। ସମ୍ପାଦକ ଭୂବନାନନ୍ଦ ସ୍ୱାଇଁ, ଶୁକଦେବ ପଟ୍ଟାୟତ, ଗୌରାଙ୍ଗ ପରିଡା ଉପସ୍ଥିତ ଥିଲେ।

## ■ ଦେବୀ ନଦୀବନ୍ଧରେ ବେଆଇନ ଘର ନିର୍ମାଣ

# ତହସିଲଦାର, ଥାନାଧିକାରୀଙ୍କୁ ଅଭିଯୋଗ

**ନାଉଗାଁ,୨୫।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଳକ ରୋହିଆ ପଞ୍ଚାୟତର ଅନନ୍ତପୁରାଠାରେ ଦେବୀ ନଦୀବନ୍ଧରେ ବେଆଇନ ଭାବେ ଗୃହ ନିର୍ମାଣ କରାଯାଇ ଅସାମାଜିକ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରୋହିଆ, ଅରଖକୁଦ, ପୋହଳ, ପାଞ୍ଚପା, କୋରଣିଆ ଆଦି ଗ୍ରାମର ଲୋକମାନେ ଶନିବାର ତହସିଲଦାର ଜେ .କଳ୍ପନା ଓ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମର ପ୍ରଭାତ ମହାନ୍ତି, ମିହିର ଦାସ, ସୂର୍ଯ୍ୟକାନ୍ତ ଦାସ, ଆକାଶ ସ୍ୱାଇଁ, ଆଶୁତୋଷ ମହାନ୍ତି ପ୍ରମୁଖ ୫୦ ଜଣଙ୍କ ସ୍ୱାକ୍ଷରିତ ଏହି ଲିଖିତ ଅଭିଯୋଗର ନକଲ ଜିଲାପାଳ ଓ ଉପଜିଲାପାଳଙ୍କୁ ମଧ ଦିଆଯାଇଛି। ରୋହିଆ ପଞ୍ଚାୟତ ଦେଇ ଦେବୀ ନଦୀ ପ୍ରବାହିତ ହୋଇଥିବାବେଳେ ବନ୍ୟା ସମୟରେ ଅନନ୍ତପୁରଠାରୁ ଅଲଣା ପର୍ଯ୍ୟନ୍ତ ବନ୍ଧ ଉପରେ ବିପନ୍ନ ଲୋକେ, ଗୃହପାଳିତ ପ୍ରାଣୀ ଆଶ୍ରୟ ନେଇଥାନ୍ତି। ଏହି ବନ୍ଧ ଉପରେ ଦୀର୍ଘ ୨୦ ମାସ ହେଲା ବାହାର ଅଞ୍ଚଳର କେତେଜଣ ପିଲା ଆସି ଏକ ଅସ୍ଥାୟୀ ଚାଳଘର କରି ରହିଛନ୍ତି। ଏପରିକି ଟ୍ରାକ୍ଟର ମାଲିକଙ୍କୁ ହାତ କରି ନଦୀପଠାରୁ ବେଆଇନ ବାଲି ଉଠାଣ କରୁଛନ୍ତି। ଏ ବାବଦରେ ମିଳୁଥିବା ଟଙ୍କାରେ ମଦ୍ୟ ପାନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କରୁଛନ୍ତି। ସେହିପରି ନଦୀ ପଠାରୁ ବାଲି ଉଠାଣ ଯୋଗୁ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଉକ୍ତ ଗୃହ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି ଯେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବଳଦେବଜୀଉ କୁରାଳ ମହାସଂଘ ସମ୍ମିଳନୀ

**ଏରସମା,୨୫।୧୧(ସ୍ୱ.ପ୍ର.):** ଏରସମା ବ୍ଳକ ପଲ୍ଲିକଣ୍ଠା ପଞ୍ଚାୟତସ୍ଥିତ କଟିଙ୍ଗା ଗ୍ରାମରେ ବଳଦେବଜୀଉ କୁରାଳ ମହାସଂଘର ବ୍ଳକସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ମହାସଂଘର ବ୍ଳକ ସଭାପତି ରାମଚନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଶିକ୍ଷ ସଚିବ ପଦ୍ମନାଭ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁମ୍ଭକାର ପରିବାରଙ୍କ ବୃତ୍ତି ଉଜ୍ଜିବୀତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାଲା ଗାୟକ ଜଗନ୍ନାଥ ବେହେରା କହିଲେ ଯେ କୁମ୍ଭକାରଙ୍କ ବିକାଶ ପାଇଁ ସରକାରୀସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ସଂଘର କେନ୍ଦ୍ରପଡ଼ା ଜିଲା ସଭାପତି ରତ୍ନାକର ବେହେରା ମୁଖ୍ୟବକ୍ତା, ଆଇପିଓ ସୁବ୍ରତ ନାୟକ, ଜଗତ୍‌ସିଂହପୁର ଜିଲା ସଭାପତି ବ୍ରହ୍ମାନନ୍ଦ ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ ଜୟରାମ ସାହୁ, ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ସରପଞ୍ଚ ତପନ ଗଛାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


କୁରାଳ ମହାସଂଘ ସମ୍ମିଳନୀରେ ଉପସ୍ଥିତ ଅତିଥି।

## ■ ଦାମଙ୍କୁ ଆହ୍ୱାନ ଦେଲେ ଦେବାଶିଷ

# ସାହସ ଥିଲେ ମୋ ସହ ଲଢ଼

**କୁଜଙ୍ଗ,୨୫।୧୧(ସ୍ୱ.ପ୍ର.)**

କୁଜଙ୍ଗରେ ପୁଣିଥରେ ବିଧାୟକ ଦାମୋଦର ରାଉତଙ୍କ ଉପରେ ବର୍ଷିଛନ୍ତି କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ। କୁଜଙ୍ଗ ବ୍ଳକ ୩ନଂ ଜୋନ୍‌ର ଫତେପୁରଠାରେ ରବିବାର ସନ୍ଧ୍ୟାରେ ବିଜୁ ଜନତା ଦଳ ପକ୍ଷରୁ ହୋଇଥିବା ଜନସମ୍ପର୍କ ପଦଯାତ୍ରା ସମାବେଶରେ ଯୋଗଦେଇ ସେ ଦାମଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କଟକ ୩ ହଜାର କୋଟି ଟଙ୍କା ଜାଇକା ପ୍ରକଳ୍ପ ନେଇଥିବାବେଳେ କୁଜଙ୍ଗରେ ଏବେ ପିଇବା ପାଣି ମିଳୁନାହିଁ। ଦାମଙ୍କୁ ସେ ମହିଷାସୁର ସହିତ ତୁଳନା କରି କହିଲେ ଯେ ମୁଖ୍ୟମନ୍ତ୍ରୀ ତାଙ୍କୁ ଦଳରୁ ବହିଷ୍କାର କରିବା ବିଜେଡି କର୍ମୀଙ୍କ ପାଇଁ ଶୁଭଙ୍କର ହୋଇଛି। ଦାମ ଦଳକୁ ଦୁର୍ବଳ କରି ନିଜେ ରାଜନୈତିକ ଫାଇଦା ନେଉଥିଲେ। ବାହାର ଠିକିଦାରଙ୍କୁ ଆଣି ନିଜ ପକେଟ ଗରମ କରୁଥିଲେ। ଅଞ୍ଚଳର ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନତିକୁ ଆଖି ବୁଜି ଦେଇଥିଲେ। ମୋର ଇଛା ପାରାଦୀପରୁ ଲଢିବି ଓ ଦାମଙ୍କର ସାହସ ଥିଲେ ମୋ' ସହିତ ଲଢି ଦେଖନ୍ତୁ ବୋଲି ଦେବାଶିଷ ଆହ୍ୱାନ ଦେଇଥିଲେ। ପଙ୍କପାଳଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପାଟପୁର ଓ ସମାଗୋଳ ଦେଇ ଫତେପୁର ଖେଳ ପଡ଼ିଆଠାରେ ପହଞ୍ଚିଥିଲା। ସେଠାରେ କୈବର୍ତ୍ତନେତା ତଥା ଏକଦା ଦାମଙ୍କ ରାଜନୈତିକ ସହଯୋଗୀଥିବା ହରେକୃଷ୍ଣ ସାମଲଙ୍କ ଅଧ୍ୟକ୍ଷତାରେ ସମାବେଶ ହୋଇଥିଲା। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନରେନ୍ଦ୍ର ପରିଡା ଏହାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମପି ଡା.କୁଳମଣି ସାମଲ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ପ୍ରଶାନ୍ତ ମୁଦୁଲି, ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଦାମଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ବେହେରା, ବିଜେଡି ମହିଳା ଶାଖା ରାଜ୍ୟ ସଭାନେତ୍ରୀ ମିନତୀ ବେହେରା, ଉପସଭାନେତ୍ରୀ ଭାରତୀ ଦାସ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପୂର୍ବତନ ପୌରାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ, ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ନମିତା ପରିଡ଼ା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ପୀତାମ୍ବର ତରାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ବିଜେଡି ନେତା ଓ କର୍ମୀମାନେ ପଦଯାତ୍ରାରେ ଯାଉଥିବାବେଳେ ବାଟରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସେମାନଙ୍କୁ ବିରୋଧ କରାଯାଇଥିଲା। ଚାଷୀଙ୍କୁ ଭୁବନେଶ୍ୱର ମନା ହେଲେ, ନେତାଙ୍କୁ ଗାଁ ମନା ବୋଲି ସେମାନେ କହିବା ସହ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ଦେଇଥିଲେ।


ବିଜେଡି ଜନସଂପର୍କ ସମାବେଶରେ ଉପସ୍ଥିତ ନେତା।

**କୁଜଙ୍ଗରେ ବିଜେଡିର ଜନସମ୍ପର୍କ ପଦଯାତ୍ରା**
- ■ ବିରୋଧ କଲା ନବନିର୍ମାଣ କୃଷକ ସଂଗଠନ
- ■ ନେତାଙ୍କୁ ଦାବିପତ୍ର ପ୍ରଦାନ

# ବୋଇତ ବନ୍ଦାଣ ଉତ୍ସବକୁ ନେଇ ରାଜନୀତି

**ନାଉଗାଁ,୨୫।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଳକ ଶିଖରଘାଟ ଦେବୀ ନଦୀଠାରେ ଚଳିତବର୍ଷ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ କରାଯାଇଥିବା ବୋଇତ ବନ୍ଦାଣ ଉତ୍ସବକୁ ନେଇ ରାଜନୈତିକ ବିତର୍କ ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଆୟୋଜନରେ ରାଜନୀତି କରାଯାଇଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଉତ୍ସବ ପାଇଁ ଛପାଯାଇଥିବା ନିମନ୍ତ୍ରଣ ପତ୍ରରେ ବିଜୁ ଜନତା ଦଳର କୌଣସି ନେତାଙ୍କ ନାମ ରଖାଯାଇନାହିଁ। କେବଳ କଂଗ୍ରେସ ଓ ଭାଜପା ନେତୃତ୍ୱଙ୍କ ନାମ ଛପାଯାଇଛି। ଏପରିକି ଅଞ୍ଚଳର ଜିଲା ପରିଷଦଙ୍କ ନାମ ମଧ୍ୟ ଏଥିରେ ଉଲ୍ଲେଖ କରାଯାଇନାହିଁ। ତେଣୁ ବୋଇତ ବନ୍ଦାଣ ଉତ୍ସବ ନିରପେକ୍ଷ ଭାବେ କରାଯାଇ ନ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବ୍ଳକ ବିଜେଡି ସଭାପତି ସୁଜିତ ମଲିକଙ୍କ ନେତୃତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଭୂଚରଣ ଦାସ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ସରପଞ୍ଚ ଅରଣ୍ୟ ନାୟକଙ୍କ ବିଜେଡି ସମର୍ଥିତ ସମିତି ସଭ୍ୟ ଓ ସରପଞ୍ଚମାନେ ଯୋଗ ଦେଇଥିଲେ। ଆସନ୍ତା ବର୍ଷ ନାଉଗାଁ ବିଜେଡି ପକ୍ଷରୁ ଶିଖରଘାଟଠାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ ବୋଲି ଏଥିରେ ସ୍ଥିର ହୋଇଥିଲା। ୩ ମାସ ମଧ୍ୟରେ ଏଥିପାଇଁ ସଦସ୍ୟ ଗ୍ରହଣ କରାଯିବ ଓ ବିଜେଡି ଏହାର ଆବାହକ ରହିବ ବୋଲି ମଲିକ କହିଥିଲେ। ଏ ସମ୍ପର୍କରେ ନାଉଗାଁ ସାଂସ୍କୃତିକ ପରିଷଦ ଉପଦେଷ୍ଟା ଜ୍ୟୋତିଷ ଚନ୍ଦ୍ର ଦାସ କହିଛନ୍ତି ଯେ, ଅତିଥି ଚୟନ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ହୋଇଥିଲା। ଏପରି ଅଭିଯୋଗ ସଂକୀର୍ଣ୍ଣ ରାଜନୈତିକ ମନୋଭାବର ପରିଚୟ। ସେହିପରି ପରିଷଦର ସମ୍ପାଦକ ସରୋଜ ନାୟକ କହିଛନ୍ତି ଯେ ଏହା ଏକ ସାଂସ୍କୃତିକ ଅନୁଷ୍ଠାନ। ଏହା ଉତ୍କଳର ସଂସ୍କୃତି ଓ ପରମ୍ପରା ଅନୁସାରେ ପାଳନ କରାଯାଇଛି। ଏଥିରେ କୌଣସି ରାଜନୈତିକ ଅଭିସନ୍ଧି ନାହିଁ।

## ସଂକ୍ଷେପରେ

### ଜନସେବା କେନ୍ଦ୍ର ପରିଦର୍ଶନ କଲେ ବିଏସଏନଏଲ ଅଧିକାରୀ

**ବିରିଡ଼ି,୨୫।୧୧(ଡି.ଏନ.ଏ.):** ବିରିଡ଼ି ବ୍ଲକ ଗୋପୀନାଥପୁର ଜନସେବା କେନ୍ଦ୍ରକୁ ଶନିବାର ବିଏସଏନଏଲ ଓ ଭାରତୀୟ ବ୍ରଡ୍‌ବ୍ୟାଣ୍ଡ ନିଗମର ଅଧିକାରୀମାନେ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିଛନ୍ତି। ଆସନ୍ତା ମାର୍ଚ୍ଚ ସୁଧା କିପରି ଏହି ସେବା ସୁଦୁର ପ୍ରସାରି ହୋଇପାରିବ ସେ ସମ୍ବନ୍ଧରେ ଗୋପୀନାଥପୁର ଜନସେବା କେନ୍ଦ୍ରର ରମାକାନ୍ତ ମହାପାତ୍ରଙ୍କୁ ପଚାରି ବୁଝିଥିଲେ। ଏହାପରେ ଆଣ୍ଟେନା ଲାଗିଥିବା ସ୍ଥାନକୁ ଯାଇ ଦେଖିଥିଲେ। ଭାରତ ବ୍ରଡବ୍ୟାଣ୍ଡର ସିଜିଏମ ବି.କେ. ନାୟକ, ଏସଆର ଜିଏମ ଏସ.କେ. ଦାସ, ବିଏସଏନଏଲର ଡିଜିଏମ ଜେ.ସେନାପତି, ଜନସେବା କେନ୍ଦ୍ର ଜଗତ୍‌ସିଂହପୁର ଡିଏମ ମହମ୍ମଦ ରିୟାଜଙ୍କ ସହ ପ୍ରଶାନ୍ତ ମହାପାତ୍ର, ଏ.କେ. ନାୟକ, ପ୍ରବୀଣ ମହାନ୍ତି ପ୍ରମୁଖ ପରିଦର୍ଶନରେ ଆସିଥିଲେ।

### ଫତେପୁରରେ ହରିହାଟ ଉତ୍ସବ

**କୁଜଙ୍ଗ,୨୫।୧୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଫତେପୁର ଗ୍ରାମର ମା' ନିମସୁନ୍ଦରୀ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଦ୍ୱିତୀୟ ବାର୍ଷିକ ହରିହାଟ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ସଂକୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରି ହରିନାମ କୀର୍ତ୍ତନ କରିଥିଲେ। ଶ୍ରଦ୍ଧାଳୁମାନେ ନିଜ ନିଜ ଗୃହ ସମ୍ମୁଖରେ ବସି ଭାଗବତ ପାଠ କରିଥିଲେ। ନବୀନ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଦିବାକର ପ୍ରଧାନ, ଯଦୁମଣୀ ପ୍ରଧାନ, ସାଗର ପ୍ରଧାନ, ମାଗୁଣୀ ମହାନ୍ତି, ସୁବାସ ନାୟକ, ପ୍ରଫୁଲ୍ଲ ଲେଙ୍କା, ଗରୁଡ଼ ପ୍ରଧାନ, ଜ୍ୟୋସ୍ନା ବଲିଆରସିଂହ, ଶୈଳବାଳା ଲେଙ୍କା, ପ୍ରଭାତୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ପଣ୍ଡିତ ଦେବାଶିଷ ମହାନ୍ତିଙ୍କୁ ଜ୍ୟୋତିଷ ମହାରାଜ ଉପାଧି

**ବାଲିଆ,୨୫।୧୧:** ବିରିଡ଼ି ବ୍ଲକ କୂଳକଇଜଙ୍ଗା ଗ୍ରାମ(ନୂଆପାରି)ର ପଣ୍ଡିତ ଦେବାଶିଷ ମହାନ୍ତିଙ୍କୁ ଜ୍ୟୋତିଷ ମହାରାଜ ଉପାଧିରେ ଭୂଷିତ କରାଯାଇଛି। କଲିକତାର ମହାଜାତି ସଦନ ଅଡିଟୋରିୟମରେ ଆର୍ଯ୍ୟ ଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ସପ୍ତମ ବାର୍ଷିକ ରାଷ୍ଟ୍ରୀୟ ଜ୍ୟୋତିଷ ସମ୍ମିଳନୀରେ ମହାନ୍ତିଙ୍କୁ ଏହି ଉପାଧିରେ ଭୂଷିତ କରାଯାଇଛି। ବିଶ୍ୱ ଜ୍ୟୋତିଷ ବିଦ୍ୟାପୀଠ କଲିକତାରେ ଅଧ୍ୟୟନ କରୁଥିବା ମହାନ୍ତିଙ୍କୁ ଫାଉଣ୍ଡେଶନର କୁଳପତି ଅନିମେସ ଶାସ୍ତ୍ରୀ ଓ ଉପକୁଳପତି ଆଚାର୍ଯ୍ୟ ବିଦ୍ୟୁତ ଶାସ୍ତ୍ରୀ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡ. ରାମକୃଷ୍ଣ ଶାସ୍ତ୍ରୀ, ଡ. ପି.ଆର. ହାଲଦାର, ପ୍ରଫେସର ଡ. କୁମୁଦ ଶର୍ମା ଶାସ୍ତ୍ରୀ, ମୂର୍ତ୍ତି କାଶିଦର ଭଟ୍ଟ, ଡ. ବେଦ ପ୍ରକାଶ ଭଟ୍ଟନାଗର, ଡ. ସ୍ୱରୁପ ସିଂ, ଡ. ଏସ.କେ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀରାମ ଦାଶଙ୍କ ଜନ୍ମ ଶତବାର୍ଷିକ

**ବାଲିକୁଦା,୨୫।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତର ସୁକିନ୍ଦା ଶାସନ ଗ୍ରାମରେ ଶିକ୍ଷାବିତ ଡ.ଶ୍ରୀରାମ ଦାଶଙ୍କ ଜନ୍ମ ଶତବାର୍ଷିକ ପାଳିତ ହୋଇଯାଇଛି। ଡ. ଶ୍ରୀରାମ ଦାଶ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁଭେନ୍ଦୁ ଦାଶ, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ପୂର୍ବତନ ସରପଞ୍ଚ ମନମୋହନ ପରିଡା, ଶିକ୍ଷାବିତ୍ ଭୋଳାନାଥ ମହାନ୍ତି, ଶରତ ପରିଡା, ବିମ୍ବାଧର ଦାଶ, ପଣ୍ଡିତ ଅର୍ଜୁନ ରଥ, ନିରଞ୍ଜନ ଦାଶ, ରାଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଡ.ଶ୍ରୀରାମ ଦାଶ ଚାରିଟେବୁଲ ଟ୍ରଷ୍ଟ ସଭାପତି ମନୋଜ ଦାଶ ସଭାରେ ଅଧକ୍ଷତା କରିଥିଲେ। ଗୌତମ ଦାଶ, ବୀରକିଶୋର ଦାସ, ସୁଭାଶିଷ ତ୍ରିପାଠୀ, ସୌମ୍ୟରଞ୍ଜନ ଦାଶ, ରଣଜିତ୍ ଦାଶ, ପ୍ରିତମ ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ବୈଷ୍ଣବ ପରିଡାଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା,୨୫।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତର ଖାଙ୍କରପୁର ଯାଦବ କମିଟି ପକ୍ଷରୁ ଭାଷା ସାହିତ୍ୟ ଆନ୍ଦୋଳନର ପୁରୋଧା ତଥା ପୂର୍ବତନ ଏମ୍‌ପି ବୈଷ୍ଣବ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଯାଦବ ସମିତି ସଭାପତି ବାବାଜି ଚରଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଦେଷ୍ଟା ସାଧୁ ଚରଣ ଦାସ, ଦୁର୍ଗାଚରଣ ଦାସ, ଯୋଗେନ୍ଦ୍ର ଦାସ, ନାଥୁରାମ ଦାସ ପ୍ରମୁଖ ପରିଡ଼ାଙ୍କ ସ୍ମୃତିଚାରଣ କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବରେ ରାଜନୀତିର ବାସ୍ନା

**ଚାନ୍ଦବାଲି/ଭଦ୍ରକ ଅଫିସ, ୨୫।୧୧(ଡି.ଏନ.ଏ.)**



ବିଜେଡିର ବୋଇତ ବନ୍ଦାଣ ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।



ଭାଜପା ତରଫରୁ ବୋଇତ ବନ୍ଦାଣ ଉତ୍ସବ ନିମନ୍ତ୍ରଣ କାର୍ଡ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବୋଇତ ବନ୍ଦାଣ ପରମ୍ପରା ନିଆରା ଓ ସ୍ୱତନ୍ତ୍ର। ଚାନ୍ଦବାଲିରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତି ଅଦ୍ୟାବଧି ଜାକଜମକରେ ପାଳନ ହୁଏ। ପ୍ରତିବର୍ଷ ବେସରକାରୀ ସ୍ତରରେ ଏହି ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଆସୁଛି। ଏହାକୁ ରାଜ୍ୟସ୍ତରୀୟ ସରକାରୀ ଉତ୍ସବ ଭାବେ ପାଳନ କରିବା ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିଆସୁଛି। ଏଭଳି ସ୍ଥିତିରେ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପତିଆରା ବଢ଼ାଇ ଫାଇଦା ନେବା ଲକ୍ଷ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି।

ଚଳିତବର୍ଷ ଧାମରା ଓ ଚାନ୍ଦବାଲିରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ୩ ଦଳ ଭିନ୍ନ ଭିନ୍ନ ସ୍ଥାନରେ ସଭା ଆୟୋଜନ କରିଥିଲେ। ଏହି ମଞ୍ଚଗୁଡ଼ିକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିଙ୍କୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଜୋର୍ ଧରିଛି। କେତେକ ନେତା ନିଜେ ଉତ୍ସବ ଆୟୋଜନ କରି ଅତିଥି ହେବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଧାମରାରେ ଭାଜପା ଦ୍ୱାରା ପରିଚାଳିତ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଇଂଲିଶରେ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ

## ଚର୍ଚ୍ଚାରେ ଅତିଥି ଓ ପ୍ରାୟୋଜିତ ସଭା

ନାମ ପୂର୍ବରୁ 'ସୋସିଆଲ ୱାର୍କର' ବୋଲି ଲେଖା ରହିଥିବାରୁ ଉତ୍ସବ ଆୟୋଜନ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଏହା ଏକ ଦଳୀୟ ସମାବେଶ ହୋଇଥିବା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ କୁହାଯାଇ ରାଜ୍ୟପାଳ ଏଠାକୁ ମୁଖ୍ୟଅତିଥି ହୋଇ କିପରି ଆସିଥିଲେ, ସେନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବ୍ରଜରାଜନଗର ବିଧାୟିକା ଡା. ରାଧାରାଣୀ ପଣ୍ଡା, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ଚାନ୍ଦବାଲିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ବାସୁଦେବପୁରର ନେତା ମାଧବାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ କୁହନ୍ତି, ଏହା ସାଂସ୍କୃତିକ ମଞ୍ଚ ଏଣୁ ଏହାକୁ ରାଜନୀତିକରଣ କରା ନ ଯାଉ। ଏଣୁ ମୋ ନାଁ ପୂର୍ବରୁ 'ସୋସିଆଲ ୱାର୍କର' ଲେଖାଯାଇଛି। ସେହିପରି ଧାମରାରେ ବିଜେଡି ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ସହ ନିଜ ଦ୍ୱାରା ଗଠିତ ଦଳ ଆମ ଓଡ଼ିଶା ପାର୍ଟି ଛାଡ଼ି ବିଜେଡିରେ ନୂଆକରି ପାଦ ଥାପିଥିବା ରାଜ୍ୟ ସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ସୁଲତା ଦେଓ ପ୍ରମୁଖ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ହୋଇଥିଲେ। ଏପଟେ ଚାନ୍ଦବାଲିରେ ଅନୁଷ୍ଠିତ ଏକ ମଞ୍ଚରେ ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦବାଲି ବିଧାୟକ ସୌମ୍ୟରଞ୍ଜନଙ୍କୁ ଅତିଥି ଭାବେ ଡାକି ନିଜେ ଅନୁପସ୍ଥିତ ରହିଥିଲେ। ଅନ୍ୟ ଏକ ମଞ୍ଚକୁ ଯାଇ ବିଜେଡି ଏମ୍‌ପି ପ୍ରତାପ ଦେବଙ୍କ ସହ ସଭାରେ ଯୋଗଦେବାକୁ ବ୍ୟୋମକେଶ ଉଚିତ ମନେ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୌତୂହଳ ବିଷୟ ହେଉଛି ଯେ, ଏମ୍‌ପି ଓ ଅତିଥିମାନଙ୍କୁ କିଛିଦିନ ପୂର୍ବରୁ ବ୍ୟୋମକେଶଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟୋମକେଶ ତାଙ୍କ ଚିନ୍ତାଧାରା ବଦଳାଇଥିଲେ। ଜନସାଧାରଣଙ୍କ କହିବା ଅନୁଯାୟୀ, ଏହି ନେତାମାନଙ୍କ ସାହାଯ୍ୟରେ ଆସନ୍ତା ନିର୍ବାଚନ ପାଇଁ ଭୋଟ୍ ଟିକେଟ ହାସଲ କରିବାରେ ସଫଳତା ମିଳିବ ନାହିଁ ବୋଲି ଜାଣିବା ପରେ ବ୍ୟୋମକେଶ ଭିନ୍ନ ଏକ ମଞ୍ଚରେ ପ୍ରତାପ ଦେବଙ୍କ ସହ ରହି ସଭା ଆୟୋଜନ କରିଥିଲେ। ବ୍ୟୋମକେଶଙ୍କ ଏହି ପରିବର୍ତ୍ତନ ଏବେ ଲୋକଲୋଚନକୁ ଆସିଛି। ବ୍ୟୋମକେଶ କହନ୍ତି, ସମୟ ସ୍ୱଳ୍ପତା କାରଣରୁ ଗୋଟିଏ ଦିନରେ ୨ଟି ସ୍ଥାନରେ ଉପସ୍ଥିତ ରହିବା ସମ୍ଭବପର ନୁହେଁ। କିନ୍ତୁ ସେ ସମସ୍ତ ଅତିଥିଙ୍କୁ ପାଛୋଟିଛନ୍ତି। ପରମ୍ପରା ଅନୁଯାୟୀ ଧାମରାରୁ ଆସିଥିବା ସାଧବପୁଅଙ୍କୁ ସେ ଚାନ୍ଦବାଲିରେ ସ୍ୱାଗତ କରିଛନ୍ତି। ଏଠି କଂଗ୍ରେସ ଦ୍ୱାରା ଆୟୋଜିତ ଅନ୍ୟ ଏକ ମଞ୍ଚରେ ସୌମ୍ୟରଞ୍ଜନଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବାସୁଦେବପୁର ଏନ୍‌ଏସି ଚେୟାରମ୍ୟାନ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ଲାଗି ଆଶାୟୀ ଭାବେ ଚର୍ଚ୍ଚାରେ ରହିଥିବା ଅମିୟ ମହାପାତ୍ର, ମନୋଜ ବିଶ୍ୱାଳ, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହିସବୁ ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟିର ଚାନ୍ଦବାଲି ଆବାହକ ରାକେଶ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେଡିରେ ନୂଆକରି ଯୋଗ ଦେଇଥିବା ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନଙ୍କ ସହ ମଞ୍ଚାସୀନ ହେଲେ କାଳେ କିଛି ନକାରାତ୍ମକ ପ୍ରଭାବ ପଡ଼ିବ ସେହି ଆଶଙ୍କାରେ ବିଧାୟକ ରାୟ ଉତ୍ସବକୁ ଆସି ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଗୋଟିଏ ଦିନରେ ସୌମ୍ୟରଞ୍ଜନଙ୍କ ଭାଇ ନିରଞ୍ଜନ କଂଗ୍ରେସ ପ୍ରାୟୋଜିତ ଉତ୍ସବରେ ମଞ୍ଚାସୀନ ହେବା ଘଟଣା ଏଭଳି ଅନୁପସ୍ଥିତିର ଅନ୍ୟତମ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଏଭଳି ରାଜନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ୩ ଦଳ ଏଭଳି ଉତ୍ସବ ପାଳନ ନାଁରେ ରାଜନୀତି କରୁଛନ୍ତି। ଅନ୍ୟପକ୍ଷେ ଚାନ୍ଦବାଲି ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବୋଇତ ବନ୍ଦାଣ ଉତ୍କଳୀୟ ସଂସ୍କୃତିର ମହାନ୍ ପର୍ବ। ଏଭଳି ଉତ୍ସବକୁ ଦଳୀୟ ଭିତ୍ତିରେ ଭାଗ ଭାଗ କରା ନ ଯାଉ।

# ହକି ପାଇଁ ଗଣଦୌଡ଼



ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ହକି ଗଣଦୌଡ଼ କାର୍ଯ୍ୟକ୍ରମ ।

**ଆଳି, ୨୫।୧୧ (ଡି.ଏନ୍.ଏ.)**

ଆସନ୍ତା ୨୮ ତାରିଖରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍ ହକି ପାଇଁ ରବିବାର ବିଭିନ୍ନ ସ୍ଥାନରେ ହକି ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ହକି ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମହାଦେବ ଛକଠାରେ ବିଜେଡି ସଂଗଠକ ବିଜୟ ମହୀଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ଦାଶ ମୁଖ୍ୟଅତିଥି, ବଡାମ୍ବିଳା ସରପଞ୍ଚ ଭରତ ସେଠୀ, ସମିତିସଭ୍ୟା ମମତା ତରାଇ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସତ୍ୟଜିତ ଦାଶ, ବିଶ୍ୱଜିତ ଦାଶ ଓ ଚିନ୍ମୟ ପରିଡାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଜୁ ଯୁବବାହିନୀ ସଭାପତି ଭୁବନାନନ୍ଦ ଦାଶ, ସମ୍ପାଦକ ମୁକେଶ ନାୟକ, କୋଷାଧକ୍ଷ ପ୍ରିୟରଞ୍ଜନ ଷଣ୍ଢ ଓ ଆକାଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାଜନଗର, (ଡି.ଏନ.ଏ.)**

ପ୍ରଥମଥର ପାଇଁ ଓଡିଶାରେ ହକି ବିଶ୍ୱକପ ଅୟୋଜନ କରାଯାଇଛି। ଏହି ଅବସରରେ ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ ଆୟୋଜନ ହୋଇଥିଲା । ଏହି ଗଣଦୌଡ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ରାଜନଗରଠାରେ ଶେଷ ହୋଇଥିଲା। ଗଣଦୌଡକୁ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ପ୍ରାଧ୍ୟାପକ ଅତୁଳ ବଳ, ସତ୍ୟବାଦୀ ଜେନା, ସରପଞ୍ଚ ପ୍ରତିଭା ମହାନ୍ତି, ସମିତି ସଭ୍ୟ ପ୍ରଶାନ୍ତ ରାଉତ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସେହିପରି ସାନବଡଗୋପାଳପୁର ପଞ୍ଚାୟତ ଓ ହାତୀନା ପଞ୍ଚାୟତରେ ଗଣଦୌଡ ଆୟୋଜନ ହୋଇଥିଲା।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

**ପଟ୍ଟାମୁଣ୍ଡାଇ, ୨୫।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧ ଓ ୨ନଂ. ୱାର୍ଡ ଷଣ୍ଢପଲ୍ଲୀ ଗ୍ରାମରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ପ୍ରଭାରୀ ବିଜୟ ନାୟକଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ପଦଯାତ୍ରାରେ ସାମିଲ ହୋଇ ଲୋକମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ପଦ୍ମନାଭ ପଣ୍ଡା, ନଗର ମହିଳା ସଭାନେତ୍ରୀ ରଶ୍ମିତା ସାହୁ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନ ବାଳା ଦାସ, ପ୍ରମୋଦ ସାହୁ, ବିଦ୍ୟାଧର ସେଠୀ, ଦେବାଶିଷ ପଣ୍ଡା, ଅମିୟ ପାତ୍ର, ଗଗନ ମଲିକ, ଗୋଲେଖ ମଲିକ ପ୍ରମୁଖ ସାମିଲ ଥିଲେ।

## ୩ ଗୁହାଳ ଜଳିଗଲା

**ପଟ୍ଟାମୁଣ୍ଡାଇ, ୨୫।୧୧ (ସ୍ୱ.ପ୍ର.)**

ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ଗ୍ରାମର ସଚ୍ଚିଦାନନ୍ଦ ମଲ୍ଲିକଙ୍କ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁର ପ୍ରକୋପ ଅଧିକ ଥିବାରୁ ଏହା ପଡ଼ୋଶୀ କଳ୍ପତରୁ ମଲ୍ଲିକ ଓ ଗଣେଷ ଚନ୍ଦ୍ର ମଲ୍ଲିକଙ୍କ ୨ ଗୁହାଳ ଘରକୁ ବ୍ୟାପୀ ଯାଇଥିଲା। ଅଗ୍ନିକାଣ୍ଡରେ ଗୋଟିଏ ବାଛୁରି ଜୀବନ୍ତ ଦଗ୍ଧ ହୋଇଯାଇଛି।

## ଫୁଲ ରଥରେ ବିଜେ କଲେ ଶ୍ରୀଜୀଉଙ୍କ ବିଜେ ପ୍ରତିମା

**ଡେରାବିଶ, ୨୫।୧୧ (ସ୍ୱ.ପ୍ର.)**


ଶ୍ରୀଜୀଉଙ୍କ ଫୁଲ ରଥ।

କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଳାଟ ତମାଳଶାସନସ୍ଥିତ ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିରରେ ରାହାସୋତ୍ସବ ଇତିମଧ୍ୟରେ ଶେଷ ହୋଇଛି। ପଞ୍ଚୁକ ଆରମ୍ଭ ଦିନଠାରୁ ୫ଦିନ ଧରି ମନ୍ଦିରରେ ରାହାସୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଶ୍ରୀ ଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋପୀନାଥ ଫୁଲ ରଥରେ ବିଜେ କରି ରାହାସ ଗୀତ ଓ ଉଦଣ୍ଡ ସଙ୍କୀର୍ତ୍ତନ ମଧ୍ୟରେ ଅଞ୍ଚଳ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପଣ୍ଡିତ କିଶୋରଚନ୍ଦ୍ର ମିଶ୍ର, ଉମାକାନ୍ତ ମିଶ୍ର, ତ୍ରିଲୋଚନ ମିଶ୍ର, ପ୍ରମୋଦ ମିଶ୍ର, ରାଜକିଶୋର ମିଶ୍ର, ସୁଶାନ୍ତ ମିଶ୍ରଙ୍କ ସମେତ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## ଫାଟୁଆ ରୋଗ: ୧୦ରୁ ଉର୍ଦ୍ଧ୍ୱ ଗାଈ ମୃତ

**ମହାକାଳପଡା, ୨୫।୧୧ (ଡି.ଏନ.ଏ.)**

ମହାକାଳପଡା ବ୍ଲକ ବଡକୂଳ ପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ ଗୋପୀନାଥପୁର ଗ୍ରାମରେ ଗତ ଏକ ସପ୍ତାହ ମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ ଗୋରୁ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଛି। ଟିକାକରଣରେ ବିଳମ୍ବ ଘଟିବାରୁ ଏହି ରୋଗ ବ୍ୟାପି ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ୨୦୦ରୁ ଅଧିକ ପରିବାର ଗୋପାଳନ କରି ପରିବାର ପୋଷଣ କରୁଥିବା ବେଳେ ଗୋରୁଙ୍କୁ ରୋଗ ହେବା ପରେ ଗୋ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଗୋରୁ ମଡକ ହେବାପରେ ସେମାନଙ୍କୁ ନଦୀ ନାଳରେ ଭସାଇ ଦିଆଯାଉଛି। ଫଳରେ ନଦୀ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଗୋରୁଙ୍କୁ ଟିକାକରଣ କରିବା ଲାଗି ଗ୍ରାମର ଶ୍ରୀବତ୍ସ ଦାସ, ସୁଶାନ୍ତ ଦାସ, ମଦନ ଦାସ, ବାବୁଲି ଦାସ, ଧ୍ରୁବ ଦାସ, ବିଜୟ ଦାସ ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ବଡକୂଳସ୍ଥିତ ପ୍ରାଣୀଧନ ନିରୀକ୍ଷକ ବିବେକାନନ୍ଦ ଜେନା କହିଛନ୍ତି ଚଳିତବର୍ଷ ଏପ୍ରିଲରେ ଟିକାକରଣ କରାଯାଇଥିଲା। ଆଗାମୀ ୨ ଦିନରେ ପୁନର୍ବାର ଟିକାକରଣ କରିବା ଲାଗି ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

# ବିଶ୍ୱକପ୍ ହକି ପାଇଁ ବିଭିନ୍ନ ସ୍ଥାନରେ ଗଣଦୌଡ଼

**ଜଗତ୍‌ସିଂହପୁର ଅଫିସ, ୨୫।୧୧**

ପୁରୁଷ ବିଶ୍ୱକପ୍ ହକି-୨୦୧୮ ନିମନ୍ତେ ରବିବାର ଜଗତ୍‌ସିଂହପୁର ଜିଲା ପ୍ରଶାସନ ତରଫରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ତୁଳସୀଗାଦି (ଢ଼ିଅସାହି) ଠାରୁ ବାହାରି ଏହି ଗଣଦୌଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି ଓଡ଼ିଶାରେ ବିଶ୍ୱକପ୍ ହକି ଆୟୋଜନ ହେଉଥିବାରୁ ଏହା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଗଣଦୌଡ଼ରେ ପୁରୁଷ ବର୍ଗରୁ ୮ ଓ ମହିଳା ବର୍ଗରୁ ୮ ଜଣଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଉଭୟ ବର୍ଗରୁ ପ୍ରଥମ କୃତୀ ପ୍ରତିଯୋଗୀଙ୍କୁ ୨,୦୦୦, ଦ୍ୱିତୀୟ ୧,୦୦୦, ତୃତୀୟ ୫୦୦ ଏବଂ ୪ର୍ଥ ସ୍ଥାନରୁ ୮ମ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୩୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର, ଜିଲା ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ଦୋଳଗୋବିନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ନାଉଗାଁ,(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତରେ ବିଶ୍ୱକପ୍ ହକି ପାଇଁ ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଏଥିରେ ଅରିଓଦାର ସତ୍ୟଜିତ ସାହୁ ୧ମ, ସୂର୍ଯ୍ୟକାନ୍ତ ଖଟୋଇ ୨ୟ, ସୌମିତ୍ରୀ ସ୍ୱାଇଁ ୩ୟ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସରପଞ୍ଚ ନିରୁପମା ଦାସ, ସମିତି ସଭ୍ୟ ଝୁମୁରି ମଲିକ, ବିଜୁ ଯୁବ ବାହିନୀ ସଭାପତି ମିତାଲି ବିଶ୍ୱାଳ, ସମ୍ପାଦକ ଦେବଦତ ତ୍ରିପାଠୀ, କେଷାଧକ୍ଷ ହରପ୍ରିୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସଂଯୋଜକ ରବି ନାରାୟଣ ଷଡଙ୍ଗୀ ପରିଚାଳନା କରିଥିଲେ।



ଜଗତ୍‌ସିଂହପୁରରେ ଜିଲାପାଳ ମାରାଥନ ଉଦ୍‌ଘାଟନ କରୁଛନ୍ତି। ରଘୁନାଥପୁରରେ ଗଣଦୌଡ଼ କାର୍ଯ୍ୟକ୍ରରେ ଉପସ୍ଥିତ ଅତିଥି।

ମାନସ ପରିଡା ଧନ୍ୟବାଦ ଦେଇଥିଲେ।

**ବିରିଡ଼ି(ଡି.ଏନ୍.ଏ.)/ବାଲିଆ**

ବିରିଡି ବ୍ଲକର ମୋଟ ୨୧ ପଞ୍ଚାୟାତ ମଧ୍ୟରୁ ରବିବାର ୧୯ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଶ୍ୱକପ ହକି ପାଇଁ ମିନି ମାରାଥନ କରାଯାଇଛି। ବୁଢାପଡା ପଞ୍ଚାୟତରେ ସରପଞ୍ଚ ପୁଷ୍ପପ୍ରକାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଜୟ କୁମାର ସାହୁଙ୍କୁ ମୁଁ ହିରୋ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂରଣ ପଞ୍ଚାୟତରେ ସରପଞ୍ଚ ଶୁଭଦ୍ରା ଭୋଇ ଉଦ୍‌ଘାଟନ କରିଥିଲେ। ବାରେଡିଆ ପଞ୍ଚାୟତରେ ଯୁବ ବାହୀନିର ସଭାପତି ବିବେକାନନ୍ଦ ପାଲଙ୍କ ନେତୃତ୍ୱରେ ଗଣଦୌଡ଼ ହୋଇଥିଲା। ମଙ୍ଗୁଲି ପଞ୍ଚାୟତରେ ସରପଞ୍ଚ ତୃପ୍ତିମଞ୍ଜରୀ ପରିଜା, ସଢେଇ ଶାସନ ପଞ୍ଚାୟତରେ ସରପଞ୍ଚ ଅମିତ ରାଉଳ ବାଲିଆ ଗୋପିନାଥପୁରରେ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, ଅଲାଣ୍ଡୋ ପଞ୍ଚାୟତରେ ସରପଞ୍ଚ ରଞ୍ଜିତା ବେହେରା ଅତିଥି ଭାବେ ଯୋଗ ଗଣଦୌଡ଼ ଉଦ୍‌ଘାଟନ କରିଥିଲେ। ଯୁବବାହିନୀ କର୍ମକର୍ତ୍ତା ପରିଚାଳନା କରିଥିଲେ।

**ବାଲିକୁଦା,(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ବଡ଼ଗାଁ ବିଜୁ ଯୁବବାହିନୀ ପକ୍ଷରୁ ହୋଇଥିବା ଗଣଦୌଡ଼କୁ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ଉଦ୍‌ଘାଟନ କରିଥିଲେ। ଜିଲାପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ଏବିଡିଓ ଅଜୟ କୁମାର ବେହେରା ଉପସ୍ଥିତ ଥିଲେ। ଅରିଲୋରେ ସରପଞ୍ଚ ଜ୍ୟୋସ୍ନାରାଣି ବାରିକ, ଅନନ୍ତପୁରରେ ସରପଞ୍ଚ ରମେଶ ପାଇଟାଳ, ଆମ୍ବଶାଳରେ ସରପଞ୍ଚ ପ୍ରଭାତୀ କାଣ୍ଡି, କାଳିଓରେ ସରପଞ୍ଚ ସସ୍ମିତା ମଲିକ, ଅଳାଭରରେ ସରପଞ୍ଚ ଅଶୋକ ବିଶ୍ୱାଳ, ବାହାରଣାରେ ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ମୂଲୁଗାଁରେ ସରପଞ୍ଚ ଲିଲି ପରିଡା ମାରାଥନ ଉଦ୍‌ଘାଟନ କରିଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ବିଷ୍ଣୁନପୁର ପଞ୍ଚାୟତରେ ମାରାଥନ ଅନୁଷ୍ଠିତ ହୋଇଛି। ସରପଞ୍ଚ ବସନ୍ତ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବ ବାହିନୀର ସଭ୍ୟ ଦୀପୁ ଦାସ, ସୌମ୍ୟ ରଞ୍ଜନ ବେହେରା, ସୂର୍ଯ୍ୟ ବେହେରା, ସୁନିଲ କୁମାର ଦାଶ ରିତିକ ବାରିକ ପରିଚାଳନା କରିଥିଲେ।

**ରଘୁନାଥପୁର,(ଡି.ଏନ.ଏ.)**

ବାବୁଜଙ୍ଗ ପଞ୍ଚାୟତରରେ ଯୁବ ବାହିନୀ ସଭାପତି ଦିବ୍ୟରଞ୍ଜନ ମହାନ୍ତି, ସମ୍ପାଦକ କଳ୍ପନା ସାହୁ ଓ କୋଷାଧକ୍ଷ ସ୍ମୃତିରଞ୍ଜନ ଖୁଣ୍ଟିଆଙ୍କ ପରିଚାଳନାରେ ମିନି ମାରାଥନ ହୋଇଥିଲା। ମାହାଳହାଟ ଫାଣ୍ଡି ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ, ଉତ୍ତରକୂଳ ସରପଞ୍ଚ ଦିଲୀପ ବିଶ୍ୱାଳ, ପୂର୍ବତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ଅତିଥି ଭାବେ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୬ ନଭେମ୍ବର, ୨୦୧୮



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
- ଭଲଟାୟାର



**ସଂକ୍ଷେପରେ**

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ପୁରୀ ଅଫିସ,୨୫ା୧୧: ୟୁନିକ୍ ଫଙ୍କର ପ୍ରଥମ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଟାଉନ ହଲ୍‌ଠାରେ ଅନୁଷ୍ଠିତ ଏହି ଦୁଇଦିନିଆ ପ୍ରତିଯୋଗିତାର ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଶ୍ରୀକ୍ଷେତ୍ର ହେଉଛି ସାଂସ୍କୃତିକ କ୍ଷେତ୍ର । ସଂସ୍କୃତି, କଳା ଓ ପରମ୍ପରାକୁ କଳାକାରମାନେ ବଞ୍ଚାଇ ରଖିଛନ୍ତି । କଳାକାରଙ୍କ କଳାକୁ ପରିଚିତ କରିବା ଲାଗି ଏଭଳି ମଞ୍ଚର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି କହିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଗୌରହରି ପ୍ରଧାନ, ଯୁବନେତା ଶୁଭାଷିସ ଖୁଣ୍ଟିଆ ଓ ଭକ୍ତ ଚରଣ ଦାସ, ଛାତ୍ର ନେତା ଷ୍ଟାଲିନ ପରିଜା, ରବିଶଙ୍କର ପ୍ରତିହାରୀ, ସାମାଜିକ କର୍ମୀ ଶୁକ୍ଲା ରାୟ, ଅଭିନେତା ସତ୍ୟଜିତ ଓ ସୁବାସ ପଣ୍ଡା, ଶିଶୁ କଲ୍ୟାଣ କମିଟି ସଭ୍ୟ ରମାଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଭଗବାନ ପ୍ରତିହାରୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୁଲ୍ଲନ କୁମାର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅନେକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆକର୍ଷଣୀୟ ମାଲଖମ୍ବ ପରିବେଷଣ ହୋଇଥିଲା ।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ନୟାଗଡ଼ ଅଫିସ,୨୫ା୧୧- ନୟାଗଡ଼ ସହରସ୍ଥିତ ୟୁନିଟେକ୍ ଆବାସିକ ମହାବିଦ୍ୟାଳୟର ୫ମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ପିଟିଏସ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଭିନ୍ନ ଭିନ୍ନ ବର୍ଗରେ ଛାତ୍ରୀଛାତ୍ର କ୍ରୀଡ଼ାରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ କଲେଜ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଓ ୟୁଥ୍ ରେଡ଼କ୍ରସ ସୋସାଇଟି ସହଯୋଗିତାରେ ରାମ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ପିଟିଏସ୍ ପଡ଼ିଆକୁ ଆସିଥିଲେ। ପ୍ରତିଯୋଗିତା ଶୃଙ୍ଖଳାକୁ କଲେଜ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। ଏହି ସମୟରେ କଲେଜର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର କ୍ରୀଡ଼ାରେ ସାମୂହିକ ଉନ୍ନତି ଓ ବିକାଶ ପାଇଁ ଶପଥ ପାଠ କରିଥିଲେ। ବିରଞ୍ଚି ନାରାୟଣ ବେହେରା, ରାଜୀବ କୁମାର ନାୟକ, ପ୍ରଦୀପ ଚିତ୍ତରଞ୍ଜନ ସାହୁ , ଲକ୍ଷ୍ମୀଧର ସେଠୀ, ଉମାକାନ୍ତ ମିଶ୍ର ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କଲେଜ ଚେୟାରମ୍ୟାନ ପ୍ରଦୀପ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।



# ଅନ୍ନପୂର୍ଣ୍ଣାରେ ସାତ ଜନମର ଜୀବନ ସାଥୀ

ପୁରୀ ଅଫିସ,୨୫ା୧୧


ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ବ୍ରାହ୍ମଣ ଘରର ଝିଅ ରାଧା । ନନା ମାଧବ ମିଶ୍ର ଗାଁ ମୁଖିଆ ଆଉ ଗାଁ ଠାକୁରାଣୀଙ୍କ ପୂଜା ବି କରନ୍ତି । ନୀଚ ଜାତି ଘରର ପୁଅ କାହ୍ନା । ବାପା ନନ୍ଦ ଗାଁ ଝିଅବୋହୁଙ୍କ ବାହା ପୁଆଣିରେ ବାଜା ବଜାଏ । ହେଲେ ରାଧା ଭଲ ପାଏ କାହ୍ନାକୁ । ରାଧା କଲେଜରେ ପଢୁଥିବା ବେଳେ କାହ୍ନା ସ୍କୁଲରେ ପଢୁଥାଏ। ବୟସରେ ସେମାନେ ବଡ଼ସାନ। ହେଲେ ପ୍ରେମ ଅନ୍ଧ । ମାନେନା ଜାତି ଅଜାତି କି ବୟସର ତାରତମ୍ୟକୁ । ମାଧବ ମିଶ୍ର ଉଭୟଙ୍କ ମିଳାମିଶାକୁ ବିରୋଧ କରନ୍ତି। କିନ୍ତୁ ସେମାନେ ଗାଁ ଠାକୁରାଣୀଙ୍କ ପାଖରେ ଶପଥ ନିଅନ୍ତି ସାତଜନମର ସାଥୀ ହେବା ପାଇଁ । ସେପଟେ ମୁଖିଆଙ୍କ ଗୁମାସ୍ତାଙ୍କ ଶଳା ଚନ୍ଦ୍ରସେଣା ମନେ ମନେ ଭଲପାଏ ରାଧାକୁ । ତେବେ ଏ ଭଲ ପାଇବାରେ କିଏ ଜିତେ ଆଉ କିଏ ହାରେ ତାହା ସମୟ କୁହେ । ହେଲେ ସାମାଜିକ ବାରଣ ଓ ଆତ୍ମୀୟମାନଙ୍କ ବିରୋଧରେ ହାରିଯାଇଥିବା ପ୍ରେମୀଯୁଗଳ କିନ୍ତୁ ସେମାନଙ୍କ ମିଳନ ନିମନ୍ତେ ବାରମ୍ବାର ଜନ୍ମ ନେବା ଲାଗି ଶପଥ ନିଅନ୍ତି ସାତ ଜନମର ସାଥୀ ହେବା ପାଇଁ । ସାମ୍ପ୍ରତିକ ସମାଜରେ ଘଟୁଥିବା ଏମିତି ଏକ କାହାଣୀକୁ ନେଇ ରବିବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି ନାଟକ ସାତ ଜନମର ଜୀବନ ସାଥୀ । ପୁରୀ ଆର୍ଟିଷ୍ଟ ଆସୋସିଏଶନ ପ୍ରାୟୋଜିତ ମାସିକ ନାଟକ ମହୋତ୍ସବ ଅବସରରେ ନାଟ୍ୟମ୍ ଅନୁଷ୍ଠାନ ପକ୍ଷରୁ ଏହା ପରିବେଷଣ କରାଯାଇଥିଲା । କଳାକାରଙ୍କ ନିଖୁଣ ଅଭିନୟ ନାଟ୍ୟପ୍ରେମୀଙ୍କୁ ଅନ୍ନପୂର୍ଣ୍ଣା ମଞ୍ଚ ସମ୍ମୁଖରେ ଢେର ସମୟ ବାନ୍ଧି ରଖିଥିଲା। ଗଣେଶ ମହାପାତ୍ରଙ୍କ ଲିଖିତ ଓ ରାମକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ବିଦ୍ୟାଧର ମହାପାତ୍ର, ହରପ୍ରସାଦ ମିଶ୍ର, ଅଜୟ ପ୍ରଧାନ, ଶକ୍ତିପ୍ରସାଦ ମହାନ୍ତି, ପୃଥୀରାଜ ସାହୁ ଓ ରୋଜାଲିନ ପଣ୍ଡା ପ୍ରମୁଖ ।

ନାଟକ ପୂର୍ବରୁ ଆୟୋଜିତ ସଭା ଓ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟଅତିଥି ଚକ୍ରଧର ମହାପାତ୍ର, ସମ୍ମାନିତ ଅତିଥି ନାଟ୍ୟ ସଂଘ ଓଡ଼ିଶାର ସଭାପତି ହରେନ ସାହୁ, ବରେଣ୍ୟ ଅତିଥି ଭାବେ ନାଟ୍ୟ ସଂଘ ଓଡ଼ିଶାର ସମ୍ପାଦକ ଲାଲା ବୀରେନ ରାୟ ଯୋଗଦେଇଥିଲେ । ଏହି ଅବସରରେ ଗତ ଅକ୍ଟୋବର ମାସରେ ପ୍ରଦର୍ଶିତ ନାଟକ ଅମୁହାଁ ଗଳିର ଶ୍ରେଷ୍ଠ କଳାକାର ଭାବେ ସୁଶ୍ରୀ ତପସ୍ୱିନୀ ମହାନ୍ତି ଓ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅକ୍ଟୋବର ମାସର ନାଟକ ବନ୍ଧୁ ଭାବେ ସଞ୍ଜୟ କୁମାର ମହାନ୍ତି, ରତ୍ନାକର ପ୍ରଧାନ ଓ ଜନାର୍ଦ୍ଦନ ଦାସଙ୍କୁ ସମ୍ମାନିତ କରାଯାଇଥିଲା । ଆର୍ଟିଷ୍ଟ ଆସୋସିଏଶନର ସଭାପତି ବିକାଶ ଦତ୍ତଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ରାମକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

# ଫେଡ୍‌କୋ ଅଫିସ ଭଙ୍ଗାରୁଜା ଜେଲ୍ ଗଲେ ଆଇନଜୀବୀ

ପୁରୀ ଅଫିସ,୨୫ା୧୧

ଫେଡ୍‌କୋ ଅଫିସ୍ ଭଙ୍ଗାରୁଜା ମାମଲାରେ କୁମ୍ଭାରପଡ଼ା ପୋଲିସ ରବିବାର ଆଇନଜିବୀ ଗୋପାଳକୃଷ୍ଣ ପଣ୍ଡାଙ୍କୁ ଗିରଫ କରିଛି। ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗୋପାଳକୃଷ୍ଣ ସେସୁ ଠିକା କର୍ମଚାରୀ ସଂଘର ଆବାହକ ଥିବାବେଳେ ବିଭିନ୍ନ ସଂଗଠନ ସହ ଜଡ଼ିତ ରହିଛନ୍ତି। ପୂର୍ବରୁ କର୍ମଚାରୀଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିଛନ୍ତି। ଗତ ଅକ୍ଟୋବର ୩ରେ ପୁରୀ ହିଂସାକାଣ୍ଡ ସମୟରେ ଗୋପାଳଙ୍କ ନେତୃତ୍ୱରେ କେତେଜଣ ବ୍ୟକ୍ତି ଫେଡ୍‌କୋ ଅଫିସରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଫେଡ୍‌କୋ ପକ୍ଷରୁ ଏ ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆଇପିସି ଦଫା ୪୨୭, ୪୫୨, ୩୪, ୨୯୪, ୫୦ ଓ ୩୪ରେ ମାମଲା ନଂ. ୨୩୨/୧୮ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ହିଂସାକାଣ୍ଡ ଘଟଣାରେ ତାଙ୍କ ନାମରେ ଟାଉନ ଥାନାରେ ୧୬୮ ଓ ୧୬୯/୧୮ରେ ଦୁଇଟି ମାମଲା ରହିଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ସେହିଭଳି ସିଂହଦ୍ୱାର ଥାନାରେ ମାମଲ ନଂ.୭୯, ୮୨, ୮୩ ଓ ୮୬/୧୮ରେ ୪ଟି ମାମଲା ରହିଥିବା ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ତେବେ ଗିରଫ ଗୋପାଳକୃଷ୍ଣଙ୍କୁ ପୁରୀ ହିଂସା ମାମଲାରେ ରିମାଣ୍ଡରେ ନେବାକୁ ଉଭୟ ଥାନା ପକ୍ଷରୁ ଆବେଦନ କରାଯାଇଥିବା ଜଣାପଡ଼ିଛି।

# ଜିଆର୍‌ଏସ୍ ଆନ୍ଦୋଳନ ଜାରି

## କାର୍ଯ୍ୟରେ ଯୋଗଦେବାକୁ ପ୍ରଶାସନିକ ନିର୍ଦ୍ଦେଶ


ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ଜିଆରଏସ୍।

ରଣପୁର,୨୫ା୧୧(ସ୍ୱ.ପ୍ର.)

ରାଜ୍ୟରେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ମାନେ ନଭେମ୍ବର ୧୫ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଓଡିଶା ସରକାରଙ୍କ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ନଭେମ୍ବର ୨୨ରେ ଚିଠି ନମ୍ବର ୨୨୪୫୩ ନିର୍ଦ୍ଦେଶ ଦେଇଛନ୍ତି ଯେ, ୨୪ ତାରିଖ ସୁଦ୍ଧା ଗ୍ରାମ ରୋଜଗାର ସେବକମାନେ କାର୍ଯ୍ୟରେ ଯୋଗଦିଅନ୍ତୁ। ନ ହେଲେ ସେମାନଙ୍କୁ କାହିଁକି ବହିଷ୍କାର କରା ନ ଯିବ ସରକାର ତାର କୈଫିତ ତଲବ କରିଛନ୍ତି । ତେବେ ପ୍ରଶାସନିକ ନିର୍ଦ୍ଦେଶ ସତ୍ତ୍ୱେ ରଣପୁର ବ୍ଲକ୍‌ର ୩୭ ଗ୍ରାମପଞ୍ଚାୟତର ୩୬ ଜଣ ଗ୍ରାମ ରୋଜଗାର ସେବକ/ସେବିକା ରବିବାର ସୁଦ୍ଧା ସେମାନଙ୍କ ଆନ୍ଦୋଳନ ଜାରି ରଖିଛନ୍ତି । ଏହାଫଳରେ ପଞ୍ଚାୟତଗୁଡିକର ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାଠାରୁ ଆରମ୍ଭ କରି ଗ୍ରାମୀଣ ଗୃହ ନିର୍ମାଣ, ପାଇଖାନା ନିର୍ମାଣ, ରାଶନ୍ କାର୍ଡ ସର୍ଭେ ଆଦି କାର୍ଯ୍ୟ ବନ୍ଦ ହୋଇଯାଇଛି। ସେମାନଙ୍କର ନାର୍ଯ୍ୟ ଦାବି ପୂରଣ ନ କରି ସରକାରଙ୍କର ଏଭଳି ଧମକପୂର୍ଣ୍ଣ ଚିଠିକୁ ଜିଆର୍‌ଏସ୍ ସଂଘ ତରଫରୁ ନିନ୍ଦା କରାଯାଇଛି । ରଣପୁର ବ୍ଲକ୍ ଜିଆର୍‌ଏସ୍ ସଂଘ ସଭାପତି ଲକ୍ଷ୍ମୀଧର ଜେନା କହିଛନ୍ତି ଯେ, ସରକାର ଯେତେ ଧମକ ଦେଲେ ମଧ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ମଣ୍ଡଳ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ସାମଲ କହିଥିଲେ, ଗ୍ରାମ ରୋଜଗାର ସେବକ/ସେବିକାମାନେ ଆନ୍ଦୋଳନ କରିବା ଯୋଗୁ ବ୍ଲକ୍ ରେ ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସରକାରଙ୍କ ନିର୍ଦ୍ଦେଶ ମାନି ସେମାନେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବା ଆବଶ୍ୟକ ।

# ଭାପୁରରେ ନିଶାମୁକ୍ତି ଆନ୍ଦୋଳନ


ସମାବେଶରେ ଯୋଗଦେଇଥିବା ମହିଳା ଓ ପୁରୁଷ।

ଭାପୁର,୨୫ା୧୧(ଡି.ଏନ୍.ଏ.)

ରବିବାର ମଧ୍ୟାହ୍ନରେ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଭାପୁରଠାରେ ନିଶାମୁକ୍ତି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ରଣସିଂହଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଭାପୁର ଦମକଳକେନ୍ଦ୍ରଠାରୁ ବାହାରି ବାଇପାସ ରାସ୍ତାରେ ଥିବା ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ଏମ୍‌ପି ସୌମ୍ୟରଞ୍ଜନଙ୍କ ସହ ମିଳିତ ନିଶାମୁକ୍ତି ଆନ୍ଦୋଳନର ମୁଖ୍ୟ ଅପର୍ଣ୍ଣା ନାୟକ, ବାସନ୍ତୀ ଆଚାର୍ଯ୍ୟ, ନମିତା ନନ୍ଦ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଶିବପ୍ରସାଦ ଷଡ଼ଙ୍ଗୀ, ମଧୁସୂଦନ ରଥ, ବିଜୟ ନନ୍ଦ, ବିରଞ୍ଚି କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନିଶାମୁକ୍ତି ନାମରେ ସୌମ୍ୟରଞ୍ଜନ ଏଠାରେ ଶକ୍ତି ପ୍ରଦର୍ଶନ କରିଥିବା ନେଇ ଆଲୋଚନା ଜୋର ଧରିଛି। ଏହି ସଭାରେ ବ୍ଲକର ୨୦ ପଞ୍ଚାୟତରୁ ୨ହଜାରରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଯୋଗଦେଇଥିଲେ।

## ମଧୁସୂଦନ ଦାଶଙ୍କୁ ଛାନ୍ଦସମ୍ରାଟ ଗାୟକ ହରିହର ମହାପାତ୍ର ସମ୍ମାନ

ପୁରୀ ଅଫିସ,୨୫ା୧୧

ଛାନ୍ଦସମ୍ରାଟ ଗାୟକ ହରିହର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନ ସଭା କକ୍ଷରେ ରବିବାର ସାହିତ୍ୟ ଓ ସଂସ୍କୃତିର ବିଶେଷ କାର୍ଯ୍ୟକ୍ରମ ଶବ୍ଦରାଗ ଅନୁଷ୍ଠିତ ହୋଇଯାଇଛି। ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ର, ସମ୍ପାଦକ ବନୋଜ ତ୍ରିପାଠୀ, କବି ଶଙ୍କର ପରିଡ଼ା ଓ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଯୋଗଦେଇଥିଲେ। ସାହିତ୍ୟ ଓ ସଂସ୍କୃତିର ବିକାଶ ସମ୍ପର୍କରେ ଅତିଥିମାନେ ଆଲୋଚନା କରିବା ସହ ପଣ୍ଡିତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ଦୁଇଟି ପୁସ୍ତକ ଗ୍ରନ୍ଥସାର ସଂଚୟିକା ଓ ଉମାକାନ୍ତ ବିଳାସ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରଶାସକ ତଥା କବି ମଧୁସୂଦନ ଦାଶଙ୍କୁ ଛାନ୍ଦସମ୍ରାଟ ଗାୟକ ହରିହର ମହାପାତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବରାଳ ବାଲୁଙ୍କେଶ୍ୱର ପୀଠରେ ପୂର୍ବରୁ ଅନୁଷ୍ଠିତ ପାଲା ପ୍ରତିଯୋଗିତାର କୃତୀ କଳାକାର ଓ ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆସରକୁ ସଂଯୋଜନା କରିଥିଲେ କ୍ରିଷ୍ଣା ମହାପାତ୍ର, କଳ୍ପନା ମିଶ୍ର, ସର୍ବାଣୀ ଦାସ ଓ ପ୍ରବାସିନୀ ମିଶ୍ର। ଅନୁଷ୍ଠାନର ଆବାହକ କବି ଦେବୀପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ରମେଶ ଚନ୍ଦ୍ର ପଲେଇ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା।

# ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

ଖଣ୍ଡପଡ଼ା,୨୫ା୧୧(ସ୍ୱ.ପ୍ର.)

'ସେବା ଶିକ୍ଷା ନୁହେଁ–ଏକ ଦୀକ୍ଷା, କର୍ମ ନୁହେଁ–ଏକ ଧର୍ମ ଓ ବୃତ୍ତି ନୁହେଁ–ଏକ ବ୍ରତ' । ଶୁକ୍ରବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟଠାରେ ଆୟୋଜିତ ୩ଦିନିଆ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିରର ଉଦ୍‌ଯାପନୀ ଦିବସରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । କଲେଜ ଅଧକ୍ଷ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅନ୍ୟତମ ଅତିଥି ଭାବେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ରେଡ୍‌କ୍ରସ୍ ସୋସାଇଟ୍‌ର ଜିଲା ସଂଯୋଜକ ଡ. ଆଦିତ୍ୟ କୁମାର ମିଶ୍ର, ଆବାହକ ଅଧ୍ୟାପକ ସହଦେବ ବେହେରା, ରାଜ୍ୟ ପର୍ଯ୍ୟବେକ୍ଷକ ଅଧ୍ୟାପକ ସୁବୋଧ କୁମାର ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ । ସାଂଗଠନିକ ସମ୍ପାଦକ ଅଧ୍ୟାପକ ମାନଗୋବିନ୍ଦ ରାଉତ ପରିଚାଳନା କରିଥିଲେ । ଏଥିରେ ନୟାଗଡ଼ ଜିଲାର ୩୫ଟି କଲେଜରୁ ୧୯୦ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ରାମଚଣ୍ଡୀ ପୀଠରେ ସାଙ୍ଗଠନିକ ବୈଠକ

ବୋଲଗଡ଼,୨୫ା୧୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ୍ ପଞ୍ଚୁକୋଟସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ରବିବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା କୃଷ୍ଣଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସେ 'ଆମ ଗାଁ ପୁଅ ଆମର ନେତା' ହେବା ପାଇଁ ଆହ୍ୱାନ ଦେଇଥିଲେ। ଶାନ୍ତିପୂର୍ଣ୍ଣ ରାଜନୈତିକ ବାତାବରଣ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ନେତୃବୃନ୍ଦ ଜନ ସାଧାରଣଙ୍କ ନିକଟତର ହୋଇପାରିଲେ ଅଞ୍ଚଳର ପ୍ରକୃତ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ସ୍ଥାନୀୟ ଅଞ୍ଚଳରୁ ତାଙ୍କର ଶତାଧିକ ସମର୍ଥକ ଏଥିରେ ଯୋଗଦେଇଥିଲେ ।

# ନୟାଗଡ଼ ଜିଲା ଲେଖକ ପରିଷଦର 'ହିମ ଦରବାର'

ଦାରିଙ୍ଗବାଡି,୨୫ା୧୧(ଡି.ଏନ.ଏ)

ଦାରିଙ୍ଗବାଡିରେ ଗତ ୨ଦିନ ହେଲା ଲାଗିରହିଛି ଶୀତ ଲହରି। ପାରଦ ୧୦ଡିଗ୍ରୀ ତଳକୁ ଖସିଛି। ଶୀତର ମଜା ନେବା ସହ ଶୀତକୁ ନେଇ କବିତା ପାଠୋତ୍ସବ 'ହିମ ଦରବାର' ରବିବାର ହିଲ୍‌ଭିୟୁ ପାର୍କ ନିକଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲା ଲେଖକ ପରିଷଦ ଏହାର ଆୟୋଜନ କରିଥିବାବେଳେ ଦାରିଙ୍ଗବାଡି ବନାନୀ ସାହିତ୍ୟ ପରିଷଦ ଏବଂ ଶିକ୍ଷକ କଲ୍ୟାଣ ସଂଘ ପକ୍ଷରୁ ସହଯୋଗ କରାଯାଇଥିଲା। ପ୍ରଥମେ ପରିଷଦର ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି କବି ତଥା ଭ୍ରମରବାଡି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାପଡାବାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଛାତ୍ରୀମାନେ ସ୍ଥାନୀୟ ଜନଜାତିଙ୍କ କୁଇଭାଷା ସଙ୍ଗୀତ ମଧ ଗାନ କରିଥିଲେ। କବି ବିଦେଶୀ ନାୟକ ବିଶ୍ଳେଷଣ କରିବା ସହ ଉଚ୍ଚ କୋଟୀର କୁଇଭାଷା ସମ୍ପର୍କରେ ନୟାଗଡ ଜିଲାରୁ ଆସିଥିବା ଲେଖକ ପରିଷଦ ସଭ୍ୟ ମାନଙ୍କୁ କହିଥିଲେ। ପରିଷଦର ସଭାପତି ବୃନ୍ଦାବନ ମହାପାତ୍ର ସଭାପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଓ ସୁ–ସାହିତ୍ୟିକ ଡ. ବିଜୟ କୁମାର ଚୌଧୁରୀ ଯୋଗ ଦେଇଥିବାବେଳେ ଯୁବକବି ଚନ୍ଦ୍ର ବିଜୟୀ ମିଶ୍ର, କନ୍ଧମାଳ ସାହିତ୍ୟ ଏକାଡେମୀ ସଦସ୍ୟ ବିଦେଶୀ ନାୟକ, ନୟାଗଡ ସାହିତ୍ୟ ଏକାଡେମି ସଦସ୍ୟ ନିର୍ମଳ ଚନ୍ଦ୍ର ସୁରଦେଓ, ଦାରିଙ୍ଗବାଡି ଶିକ୍ଷକ କଲ୍ୟାଣ ସଂଘର ସଭାପତି ଯାମିନୀକାନ୍ତ ପତ୍ରା ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ କବି ଲେଖିକା ଲେଖକମାନଙ୍କୁ ଅଙ୍ଗବସ୍ତ୍ର ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ବିଶ୍ୱକପ ହକି ପାଇଁ ମିନି ମାରାଥନ୍

ଗଣିଆ,୨୫ା୧୧(ଡି.ଏନ୍.ଏ.)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ ବିଶ୍ୱକପ ହକି ମ୍ୟାଚ। ଏହାର ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗଣିଆ ବ୍ଲକର ୮ ପଞ୍ଚାୟତର ବିଜୁ ଯୁବବାହିନୀ ତରଫରୁ ଲୋକଙ୍କୁ ସଚେତନ କରିବା ପାଇଁ ରବିବାର ସକାଳୁ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କଠାରୁ ଏକ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇଥିଲା। ଗଣିଆ ପଞ୍ଚାୟତ ବିଜୁ ଯୁବବାହିନୀ ତରଫରୁ ସକାଳୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଗଣିଆ କଲେଜ ପର୍ଯ୍ୟନ୍ତ ମିନି ମାରାଥନ ହୋଇଥିଲା। ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଯୁବ ସଂଗଠକ ବିଶ୍ୱରଞ୍ଜନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ଭାପୁର,(ଡି.ଏନ୍.ଏ.):** ହକି ବିଶ୍ୱକପର ବ୍ୟାପକ ପ୍ରଚାରପ୍ରସାର ପାଇଁ ପଞ୍ଚାୟତ ସ୍ତରରେ ଗଣଦୌଡ ଆୟୋଜନ କରାଯାଉଛି। ଭାପୁର ବ୍ଲକର ୨୦ ପଞ୍ଚାୟତରେ ରବିବାର ଗଣଦୌଡ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ବିଜୁ ଯୁବବାହିନୀ ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଚକ୍ରଧରପ୍ରସାଦ ପଞ୍ଚାୟତର ବିଜୁ ଯୁବବାହିନୀ ସଭାପତି ତନ୍ମୟ ପ୍ରଧାନଙ୍କ ନେତୃତ୍ୱରେ ୨୦ ବାଳିକା ଓ ୪୦ ବାଳକ ଗୋବର୍ଦ୍ଧନ ପ୍ରସାଦଠାରୁ ଚକ୍ରଧରପ୍ରସାଦ ହାଇସ୍କୁଲ ଖେଳପଡିଆ ପର୍ଯ୍ୟନ୍ତ ଦୌଡ଼ିଥିଲେ। ଏହାପରେ ଏକ ସଭା କରାଯାଇ ୩ ଯୁବକ ଓ ୩ ଯୁବତୀଙ୍କୁ କପ୍ ସହ ପୁରସ୍କୃତ କରାଯାଇଥିଲା।



କଣ୍ଟିଲୋଠାରେ ମିନି ମାରାଥନ୍‌ର ଶୁଭାରମ୍ଭ କରାଯାଉଛି।

**ଖଣ୍ଡପଡା,(ସ୍ୱ.ପ୍ର.):** ଓଡ଼ିଶାରେ ବିଶ୍ୱକପ୍ ହକି ଅବସରରେ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ପୂର୍ବାହ୍ନରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ଏନ୍‌ଏସିର ପୂର୍ବତନ ଅଧକ୍ଷ କିଶୋର ଚନ୍ଦ୍ର ଦାଶ ଓ ଅନ୍ୟତମ ଅତିଥି ଭାବେ ବିଜୟ କୁମାର ମିଶ୍ର ଯୋଗଦେଇଥିଲେ । ପଠାଣି ସାମନ୍ତ ସ୍ମୃତି ମନ୍ଦିରଠାରୁ ଗଣଦୌଡ଼ ଶୁଭାରମ୍ଭ ହୋଇ ସହରାଞ୍ଚଳ ପରିକ୍ରମା ପୂର୍ବକ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ପ୍ରତିଯୋଗିତାରେ ଚିତ୍ତରଞ୍ଜନ ବାରିକ ୧ମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଯୁବବାହିନୀର ସଭାପତି ନିହାର ରଞ୍ଜନ ଖୁଣ୍ଟିଆ, ସମ୍ପାଦକ ବର୍ଷା ନାୟକ, ସଂଯୋଜକ ଅଭିଜିତ୍ ବେହେରା ଓ ବିନାୟକ ସାହୁ ପରିଚାଳନା କରିଥିଲେ ।



ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ ସ୍ୱର୍ଗ ସୁଖ ଲାଭ କରିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ମା' ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ



**ଖଣ୍ଡପଡ଼ା,୨୫।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ବାଣପୁର ଗ୍ରାମ ମହାଦେବ ସାହିରେ ମା'ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ ଅନୁଷ୍ଠିତ ହୋଇଯାଇଛି। ରବିବାର ମନ୍ଦିର ପରିସରରେ ମହିଳା ସଂକୀର୍ତ୍ତନ ଓ ବାଲ୍ୟଲୀଳା କାର୍ଯ୍ୟକ୍ରମ ହୋଇଥିଲା। ଟ୍ରଷ୍ଟ ମୁଖ୍ୟ ଇଂ.ବିପିନ ବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଘୃତଯଜ୍ଞ, ନାମଯଜ୍ଞ ଓ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

### ଭାପୁର ଯୁବକ କୁଚବିହାର ଟ୍ରଫି ପାଇଁ ମନୋନୀତ



**ଭାପୁର,୨୫।୧୧(ଡି.ଏନ୍.ଏ.):** ୧୯ବର୍ଷର ଯୁବକମାନଙ୍କୁ ନେଇ ରାଜ୍ୟ କ୍ରିକେଟ୍ ଆସୋସିଏଶନ ଏକ ଦଳ ଘୋଷଣା କରିଛି। ଏହି ଦଳ ରାଜ୍ୟ ପାଇଁ କୁଚବିହାର ଟ୍ରଫି ଖେଳିବେ। ନୟାଗଡ଼ ଜିଲା ଭାପୁର ବ୍ଲକ ନିମାଣୀ ଗ୍ରାମର ସଦାଶିବ ସାମନ୍ତରାୟଙ୍କ ପୁଅ କୁମାର ପରାଗ ସାମନ୍ତରାୟ ଏହି ଦଳରେ ବ୍ୟାଟସ୍‌ମ୍ୟାନ ଭାବେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ପରାଗ ଦୀର୍ଘଦିନ ହେଲା ଭୁବନେଶ୍ୱରର ପ୍ରଗତୀ କ୍ଲବରେ ପ୍ରସ୍ତୁତି ଚଳାଇଛନ୍ତି। ଏହି ଖବର ଭାପୁର ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳାଇଦେଇଛି। ନୟାଗଡ଼ ଜିଲା କ୍ରିକେଟ୍ ସଂଘର ମୁଖ୍ୟ ସଂଗ୍ରାମ ଗୁମାନସିଂହ ପରାଗଙ୍କୁ ବଧେଇ ଜଣାଇଛନ୍ତି।

### ରାଜପୁତ ସଂଘର ବାର୍ଷିକ ଅଧିବେଶନ

ବୋଲଗଡ଼,୨୫।୧୧(ଡି.ଏନ.ଏ.)-ବୋଲଗଡ଼ ଉପକଣ୍ଠସ୍ଥ ମା' ଭୂଇଁୟାଣୀ'ଙ୍କ ପୀଠରେ ରବିବାର ରାଜପୁତ ସଂଘର ୪ର୍ଥ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ୍ ଶାଖା ପକ୍ଷରୁ ଏ ଅବସରରେ ଏକ ଶୋଭାଯାତ୍ରା ପାରମ୍ପରିକ ସମରକଳା ପ୍ରଦର୍ଶନ କରି ବୋଲଗଡ଼ ଗ୍ରାମ ପରିକ୍ରମାପୂର୍ବକ ମା' ଭୂଇଁୟାଣୀଙ୍କ ପୀଠରେ ପହଞ୍ଚିଥିଲା। ଅଧିବେଶନରେ ସଂଗଠନର କେନ୍ଦ୍ରୀୟ ସଭାପତି ନଗେନ୍ ସିଂହ, ରାଜ୍ୟ ସମ୍ପାଦକ ସୁକାନ୍ତ ସିଂହ ଓ କୋଷାଧକ୍ଷ ବିନୋଦ ବିହାରୀ ରାମ ପ୍ରମୁଖ ଭାରତରେ ରାଜପୁତ ଜାତିର ବୀରତ୍ୱଭରା ଐତିହ୍ୟକୁ ସ୍ମରଣ କରିଥିଲେ।

# ରୋଗୀ ମୃତ୍ୟୁକୁ ନେଇ ଗ୍ରାମବାସୀଙ୍କ ରାସ୍ତାରୋକୋ

ରଣପୁର,୨୫।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ସରକାରୀ ଡାକ୍ତରଖାନାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟଣା ରବିବାର ଭିନ୍ନମୋଡ଼ ନେଇଛି। ମୃତକଙ୍କ ପରିବାର ଲୋକଙ୍କ ସହିତ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଲୋକ ସକାଳ ୭ଟାରେ ଡାକ୍ତରଖାନା ଛକର ସୁନାଖଳା ଚାନ୍ଦପୁର ମୁଖ୍ୟରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାଦେଇ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ରଣପୁର ଥାନା ଅଧିକାରୀ ଚକ୍ରପତି କଅଁର, ତହସିଲଦାର ସୁଶାନ୍ତ କୁମାର ପତି, ଏମ୍‌ପିଙ୍କ ଜିଲା ପ୍ରତିନିଧି ଦେବାଶିଷ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ସିଦ୍ଧାର୍ଥ ପଣ୍ଡା, ନାରୀନେତ୍ରୀ ସ୍ମିତା ସିଂ, ଯୁବନେତା ଲିଙ୍ଗରାଜ ନାୟକ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେବା ସହିତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ଲୋକେ ରାସ୍ତାରୋକୋରୁ ହଟିଥିଲେ। ଅପରପକ୍ଷେ ରଣପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶନିବାରଠାରୁ ପଡିରହିଥିବା ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ସ୍ତ୍ରୀ ଚିକିତ୍ସା କରିଥିବା ଡାକ୍ତରଙ୍କ ବିରୋଧରେ ଥାନାରେ କରିଥିବା ଲିଖିତ ଅଭିଯୋଗକୁ ପୋଲିସ ନୟାଗଡ଼ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପାଖକୁ ପଠାଇ ଦେଇଛି। ହେଲେ ଡାକ୍ତରଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇ ନାହିଁ।



ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଛି।

- ୫ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ
- କ୍ଷତିପୂରଣ ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ହଟିଲେ

ପ୍ରକାଶ ଯେ, ଶନିବାର ରଣପୁର ନିକଟ ଶ୍ୟାମଘନପୁର ଗ୍ରାମର ଗୋବିନ୍ଦ୍ର ମହାନ୍ତି (୩୫) ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରଣପୁର ଡାକ୍ତରଖାନା ଆଣିଥିଲେ। ସେଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ମୀନକେତନ ବଳିୟାରସିଂଙ୍କୁ ଦେଖାକରିଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରି ଔଷଧ ଆଣିବା ପାଇଁ କହିଥିଲେ। ପରିବାର ଲୋକମାନେ ଇଞ୍ଜେକସନ ଓ ଔଷଧ କିଣି ଆଣିବା ପରେ ଡାକ୍ତର ଗୋବିନ୍ଦ୍ରଙ୍କୁ ଇଞ୍ଜେକସନ ଦେଇଥିଲେ। ଏହା ପରେ ସେ ଗୋବିନ୍ଦ୍ରଙ୍କୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଘରେ ପହଞ୍ଚିବା ପରେ ଗୋବିନ୍ଦ ଛାତିରେ ଅଧିକ ଯନ୍ତ୍ରଣା ଅନୁଭବ କରି ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକମାନେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପୁଣି ଡାକ୍ତରଖାନା ଆଣିଥିଲେ। ହେଲେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବା ପରେ ଗ୍ରାମବାସୀ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହା ଦେଖି ଚିକିତ୍ସା କରୁଥିବା ଡାକ୍ତର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ପରେ ଡାକ୍ତରଙ୍କ ଚିକିତ୍ସା ଅବହେଳା ସହ ଇଞ୍ଜେକସନ ଦେଇ ତାଙ୍କ ସ୍ୱାମୀଙ୍କୁ ମାରିଦେଇଥିବା ନେଇ ମୃତ ଗୋବିନ୍ଦ୍ରଙ୍କ ସ୍ତ୍ରୀ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ମନ୍ଦିରରେ ସବର୍ଣ୍ଣ-ଅସବର୍ଣ୍ଣ ଗଣ୍ଡଗୋଳ

ନୟାଗଡ଼ ଅଫିସ,୨୫।୧୧

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା କାଳମ୍ବା ଗ୍ରାମସ୍ଥିତ ଶିବ ମନ୍ଦିରରେ ଦୀପଦାନକୁ କେନ୍ଦ୍ର କରି ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଅସବର୍ଣ୍ଣ ଲୋକ ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମୁନା ନାଏକ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ରବିବାର ପୃଥକ୍ ଭାବେ ମାମଲା ରୁଜୁ କରିଛି। ଅସବର୍ଣ୍ଣଙ୍କ ମଧ୍ୟରୁ ମିଥୁନ ନାଏକ ଥାନାରେ କରିଥିବା ଅଭିଯୋଗ ଅନୁସାରେ ୨୧ ତାରିଖ ସନ୍ଧ୍ୟାରେ ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରକୁ ଦୀପ ଜାଳିବାକୁ ଯାଇଥିଲେ। ତାଙ୍କ ସହିତ ମୁନା ଓ ଆଉ ୨ ଜଣ ବ୍ୟକ୍ତି ଯାଇଥିଲେ। ମହିଳାମାନେ ଦୀପ ଜାଳିବା ପରେ ସେମାନେ ମନ୍ଦିରରେ ଦୀପ ଜାଳିଥିଲେ। ପରେ ୪ ଜଣ ମନ୍ଦିରରୁ ଫେରୁଥିବାବେଳେ ଗ୍ରାମର ୬ଜଣ ସେମାନଙ୍କୁ ଅଟକାଇ ତୁମେ ଅସବର୍ଣ୍ଣ ହୋଇ କାହିଁକି ମନ୍ଦିରକୁ ଆସିଲ ବୋଲି ପଚାରିଥିଲେ। ଏହା ପରେ ସେମାନେ ଅସବର୍ଣ୍ଣ ୪ଜଣଙ୍କୁ ସବର୍ଣ୍ଣ ଲୋକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସମସ୍ତେ ଖସି ଯାଇଥିବା ବେଳେ ମୁନା ନାଏକଙ୍କୁ ମାଡ଼ ମାରି ମନ୍ଦିରରେ ଅଟକାଇ ରଖିଥିଲେ। ଘର ଲୋକ ଯିବା ପରେ ମୁନାଙ୍କୁ ଛାଡ଼ିଥିଲେ। ଅସବର୍ଣ୍ଣଙ୍କ କହିବା ପ୍ରକାରେ ମନ୍ଦିର କମିଟି ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ଭକ୍ତ ଦୀପ ଜାଳିବା ସହିତ ମହାପ୍ରସାଦ ସେବନ କରିବେ ବୋଲି ଘୋଷଣା କରାଯାଇଥିଲା। ଯାହା ଫଳରେ ଅସବର୍ଣ୍ଣ ଲୋକମାନେ ମନ୍ଦିରକୁ ଯାଇଥିଲେ। ଏହି ଘଟଣା ନେଇ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକମାନେ ବାଣିଗୋଛା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ବାଣିଗୋଛା ଥାନା ଅଧିକାରୀ ପ୍ରିୟ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଉଭୟଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ୬୫/୧୮ ଓ ୬୬/୧୮ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଗ୍ରାମର ଲୋକମାନଙ୍କୁ ନୋଟିସ କରାଯାଇଥିବା ନାୟକ ସୂଚନା ଦେଇଥିଲେ।

**ଥାନାରେ ପୃଥକ୍ ଅଭିଯୋଗ**

# ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ବୈଠକ



ବୈଠକରେ ଯୋଗଦେଇଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ।

ନୟାଗଡ଼ ଅଫିସ,୨୫।୧୧

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ନୟାଗଡ଼ ବ୍ଲକସ୍ତରୀୟ ବୈଠକ ରବିବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଯୋଗଦେଇ ଅଙ୍ଗନୱାଡ଼ି କର୍ମୀଙ୍କ ଭତ୍ତା ବୃଦ୍ଧି, ଅବସରକାଳୀନ ବୟସ ୬୦ରୁ ୬୨କୁ ବୃଦ୍ଧି, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ପୂର୍ଣ୍ଣ କର୍ମୀର ମାନ୍ୟତା, ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଗ୍ରୀଷ୍ମକାଳୀନ ଛୁଟି ପ୍ରଦାନ, ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ବିରତି ଦେବା ଭଳି ୯ଦଫା ଦାବି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିତା ସ୍ୱାଇଁ, କଳ୍ପନା ଦଳେଇ, ସବିତା ସେଠୀ, ସୀମା ପ୍ରଧାନ, ମନୋରମା ମହାନ୍ତିଙ୍କ ସମେତ ବହୁ କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

# ହକି ବିଶ୍ୱ କପ ପାଇଁ ଦୌଡ଼ିଲେ ୫କିମି

## ମହିଳା ବର୍ଗରେ ଦୀପାଳି ପୁରୁଷରେ ସୁନୀଲ ପ୍ରଥମ

ନୟାଗଡ଼ ଅଫିସ,୨୫।୧୧

ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଆରମ୍ଭ ହେବାକୁ ଯାଉଛି ପୁରୁଷ ହକି ବିଶ୍ୱକପ। ହକିର ପ୍ରଚାର ପ୍ରସାର ପାଇଁ ଜିଲା ପ୍ରଶାସନ ତରଫରୁ ରବିବାର ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣକାଳୀ ମନ୍ଦିରଠାରୁ ପିଟିଏସ୍ ପଡ଼ିଆ ପର୍ଯ୍ୟନ୍ତ ୫ କିଲୋମିଟର ଦୌଡ଼ କାର୍ଯ୍ୟକ୍ରମରେ ୫୦୦ ପ୍ରତିଯୋଗୀ ଭାଗନେଇଥିଲେ। ମହିଳା ବର୍ଗରେ ଦୀପାଳି ମହାପାତ୍ର ପ୍ରଥମ, ଲୋପାମୁଦ୍ରା ବେହେରା ଦ୍ୱିତୀୟ ଓ ପ୍ରତିମା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ବର୍ଗରେ ସୁନୀଲ ନାହାକ ପ୍ରଥମ, ମଣ୍ଟୁ ସ୍ୱାଇଁ ଦ୍ୱିତୀୟ ଓ ଦିପୁନା ଆରୁଖ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଦକ୍ଷିଣକାଳୀ ମନ୍ଦିରଠାରେ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଉପସ୍ଥିତ ଥିଲେ।



ପ୍ରଥମ ହୋଇଥିବା ସୁନୀଲଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

# ସ୍ୱାସ୍ଥ୍ୟସେବା ଶିବିର ଓ ମାଗଣା ଔଷଧ ବଣ୍ଟନ

ଖଣ୍ଡପଡ଼ା,୨୫।୧୧(ସ୍ୱ.ପ୍ର.)

ଭୁବନେଶ୍ୱର କଂସାରୀ ସମାଜ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଓ ମାଗଣା ଔଷଧ ବଣ୍ଟନ କାର୍ଯ୍ୟକ୍ରମ ରବିବାର ପାଣ୍ଡୁ ସାହୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ସ୍ୱୀକୃତ ଏହି କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ପରିଷଦର ସଭାପତି ଡ. କିଶୋର ଚନ୍ଦ୍ର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ଓ ଭୁବନେଶ୍ୱରର ବିଭିନ୍ନ ବିଭାଗରୁ ଡାକ୍ତର କିଶୋର ଚନ୍ଦ୍ର ସାହୁ, ଡା. ରାଜେନ୍ଦ୍ର ଶତପଥୀ, ଡା. ସନ୍ଧ୍ୟା ଶତପଥୀ, ଡା. ଗାୟତ୍ରୀ ମହାନ୍ତି, ଡା. ଡି ଡି ପାଣ୍ଡବ, ଡା. ଶୋଭା ଦାଶ, ଡା. କ୍ଷମା ସାଗର ସାହୁ, ଡା. ସୌମେନ୍ଦ୍ର ଷଡଙ୍ଗୀ, ଡା. ଅମୃତ ପ୍ରୀତମ ସାମନ୍ତରାୟ, ଡା. ଅମ୍ଳାନ ମହାପାତ୍ର, ଡା. କୌସ୍ତୁଭ ସାମଲ ଓ ଡା. ସୌରଭ ବିକାଶ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ମା'ନାରାୟଣୀ ପୀଠର ପରିବେଶ ସୁରକ୍ଷା ପାଇଁ ନିବେଦନ

ଖଣ୍ଡପଡ଼ା,୨୫।୧୧(ସ୍ୱ.ପ୍ର)

କଣ୍ଟିଲୋ ନିକଟସ୍ଥ ପଥର ଚକଡ଼ା ପଞ୍ଚାୟତ ସ୍ଥିତ ମା'ନାରାୟଣୀ ପୀଠର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣମୀରେ ଅନୁଷ୍ଠିତ ବୃହତ୍ ମେଳାରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ତେବେ ପର୍ଯ୍ୟଟକଙ୍କ ଦ୍ୱାରା ବ୍ୟବହୃତ ବର୍ଜ୍ୟବସ୍ତୁ ପରିବେଶକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହୋଇଛି। ତେଣୁ ବୃକ୍ଷଗୁଡ଼ିକର ସୁରକ୍ଷା ସହିତ ପରିବେଶକୁ ଦୂଷିତ ନ କରିବା ପାଇଁ ଗଛସାର୍ ଭାବେ ପରିଚିତ ପରିବେଶବିତ୍ ଅନ୍ତର୍ଯାମୀ ସାହୁ ଓ ୟୁଥ୍ କ୍ଲବ୍‌ର ସଦସ୍ୟମାନେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୀଠସ୍ଥିତ ମଳିଚ୍ଛି କୁଣ୍ଡ ପୋଖରୀରେ ଏହି ଦିନ ସ୍ନାନ କଲେ ନିଃସନ୍ତାନଙ୍କ ସନ୍ତାନ/ସନ୍ତତି ହେବାର ବିଶ୍ୱାସ କରାଯାଏ। ସ୍ନାନ ପରେ ପୋଖରୀରୁ ଏକ ପଥର ଖଣ୍ଡ ମନ୍ଦିର ପରିସରରେ ରଖିବା ଓ ସନ୍ତାନ ଜନ୍ମ ପରେ ପୁଣି ଏହାକୁ ସେହି ପୋଖରୀରେ ପକାଇବା ନିୟମ ରହିଛି। ତେବେ ମେଳା ସମୟରେ ବିଭିନ୍ନ ଗଛଲତା ନଷ୍ଟ କରାଯାଉଥିବା ଓ ଆବର୍ଜନା ଦ୍ୱାରା ପରିବେଶ ନଷ୍ଟ କରାଯାଉଥିବା ବେଳେ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ଏହି ପୀଠର ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ସାହୁ ଓ ୟୁଥ୍ କ୍ଲବ୍ ନିବେଦନ କରିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରବଚନ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୨୫।୧୧(ସ୍ୱ.ପ୍ର.):** କଣ୍ଟିଲୋ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ଆନୁକୂଲ୍ୟରେ ରବିବାର ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ଥାନର ମାଉଣ୍ଟ ଆବୁ ମୁଖ୍ୟ କାର୍ଯ୍ୟାଳୟରୁ ବି.କେ ନିରଞ୍ଜନ ଓ ବି.କେ ଅଲେଖ ବକ୍ତା ଭାବେ ଯୋଗଦେଇ ପରମାତ୍ମା ଶିବ ବାବାଙ୍କ ଚରଣ ଆଶ୍ରିତ ହେବାକୁ ପରାମର୍ଶ ଦେଇଥିଲେ। ଶାଖାର ବ୍ରହ୍ମା କୁମାରୀ ଜ୍ୟୋତ୍ସ୍ନା ମୀରା ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବଡଶିଲିଙ୍ଗାରେ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ

ଗଣିଆ,୨୫।୧୧(ଡି.ଏନ୍.ଏ.)

ନୟାଗଡ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରବିବାର ଗଣିଆ ଥାନା ବଡଶିଲିଙ୍ଗା ପଞ୍ଚାୟତର ଗୋଛାବାରି ଗ୍ରାମଠାରେ ପୋଲିସ ଜନସମ୍ପର୍କ ମୈତ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି ମୁଖ୍ୟଅତିଥି, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟବକ୍ତା ଓ ଗଣିଆ ଜିଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ବଡଶିଲିଙ୍ଗା ସରପଞ୍ଚ ପୁଷ୍ପଲତା ନାୟକ, ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ପୃଷ୍ଟି, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଏଏସ୍‌ଆଇ ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହିବା ସହ ଅଞ୍ଚଳର ଆପରାଧିକ ସମସ୍ୟା ସମ୍ପର୍କରେ ପୋଲିସକୁ ସୂଚନା ଦେଇ ସହଯୋଗ କଲେ ଅପରାଧ ନିୟନ୍ତ୍ରଣ କରାଯାଇପାରିବ। ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏହି ପଞ୍ଚାୟତର ଗୋଛାବାରି ଓ ଢିପିସାହିଠାରେ ଦୁଇଟି ମୋବାଇଲ ଟାୱାର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏସଡିପିଓ ଏହି ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ଡାକ୍ତର ଦେବାଶିଷ ଦାଶଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ୨୪୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରିଥିଲେ। ବଡଶିଲିଙ୍ଗା, ଗୋଛାବାରି, ଢୁଇସିଂ ଓ କୁରୁମରା ଆଦି ଗ୍ରାମର ପୁରୁଷ ଓ ମାତୃମଣ୍ଡଳୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଏହି ଦଳଗୁଡିକୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ଅଞ୍ଚଳର ୮ ଭଲିବଲ୍ ଟିମ୍ ମଧ୍ୟରେ ପ୍ରତିଯୋଗିତା କରାଯାଇ ଚାମ୍ପିୟନ ବଡଶିଲିଙ୍ଗା ଓ ରନର୍ସ ଅପ ଶଗଡଭଙ୍ଗା ଟିମକୁ ସିଲ୍ଡ ସହ ଭଲିବଲ ଏବଂ ଅନ୍ୟ ଦଳଗୁଡିକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ମଶାରି, ଛତା, ଗ୍ରାମ୍ୟ ଗୋଷ୍ଠୀଙ୍କୁ ସୋଲାର ଲାଇଟ୍ ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍କୁଲବ୍ୟାଗ ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ପରିଶେଷରେ ଅଞ୍ଚଳର ବୁଦ୍ଧିଜୀବୀ ଓ ଗ୍ରାମ ମୁଖିଆମାନଙ୍କୁ ପୋଲିସ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ତିନିଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଯୋଗଦେଇଥିଲେ।



ଅତିଥିମାନେ ଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରୁଛନ୍ତି।

# ନୟାଗଡ଼-ଓଡ଼ଗାଁ ରାସ୍ତା ଦେଉଛି ଦୁର୍ଦ୍ଦଶା



ଗୋଡିସାହିଠାରେ ଥିବା ହମ୍ପ୍ସ।



ରାସ୍ତାରେ ଧୂଳି ଉଡୁଛି।

ନୟାଗଡ଼ ଅଫିସ,୨୫।୧୧

- ଧୂଳି ଉଡ଼ି ନୟାନ୍ତ ହେଉଛନ୍ତି ଲୋକେ
- ହମ୍ପ୍ସ ଯୋଗୁ ବଢୁଛି ଦୁର୍ଘଟଣା
- ତୁରନ୍ତ ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି

ନୟାଗଡ଼-ଓଡ଼ଗାଁ ୨୧ନଂ. ରାଜ୍ୟ ରାଜପଥ ଲୋକଙ୍କୁ ଦେଉଛି ଦୁର୍ଦ୍ଦଶା। ଏହି ରାସ୍ତାର କୋଏନା ହୋଟେଲଠାରୁ ବେଲବଣି ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଛି। ରାସ୍ତା ନିର୍ମାଣ ବେଳେ ପାଣି ପକାଇବା ନିୟମ ଥିଲେ ମଧ୍ୟ ଠିକାଦାର ଏଥିପ୍ରତି ଆଖି ବୁଜିଦେଇଛନ୍ତି। ଫଳରେ ଧୂଳି ଉଡି ଯାତ୍ରୀମାନଙ୍କୁ ନୟାନ୍ତ କରିଦେଉଛି। ଅନ୍ୟପଟେ ଉକ୍ତ ରାସ୍ତାର ଗୋଡିସାହିଠାରେ ଥିବା ବଡ ହମ୍ପ୍ସ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ବାଇକ୍ ଚାଳକଠାରୁ ଆରମ୍ଭ କରି ବସ୍ ଆଦି ଯାନବାହନ ଚଳାଚଳ କଲାବେଳେ ହମ୍ପ୍ସ ଯୋଗୁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। କିଛିଦିନ ତଳେ ଜଣେ ମହିଳା ବାଇକ୍ ପଛରେ ବସି ଯାଉଥିବାବେଳେ ହମ୍ପ୍ସରେ ପଡ଼ି ଆହତ ହୋଇଥିଲେ। ପ୍ରତିଦିନ ଏହିଭଳି ଦୁର୍ଘଟଣା ଘଟୁଥିଲେ ମଧ୍ୟ ଗ୍ରାମବାସୀ ହମ୍ପ୍ସ ଭାଙ୍ଗିବାକୁ ନାରାଜ। ଓଲଟି ସେଠାରେ ଆହୁରି ଦୁଇଟି ବଡ଼ ହମ୍ପ୍ସ ନିର୍ମାଣ କଲେଣି। ବାରମ୍ବାର ଅଘଟଣ ଘଟୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଯାଉନାହିଁ। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। କିଛି ଯାତ୍ରୀ ଏ ନେଇ ଜିଲାପାଳଙ୍କଠାରେ ଅଭିଯୋଗ କରିବା ପରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ହମ୍ପ୍ସ ଉଚ୍ଛେଦ ପାଇଁ ପୂର୍ତ୍ତ ବିଭାଗକୁ କହିଥିଲେ। ହେଲେ ପୂର୍ତ୍ତ ବିଭାଗ ଏହାକୁ ଅଣଦେଖା କରିଚାଲିଛି। ଏହାକୁ ନେଇ ଜିଲାପାଳ ବିଭାଗର କର୍ମଚାରୀମାନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ରାସ୍ତାରେ ଧୂଳି ଉଡୁଥିବା ଦୃଶ୍ୟକୁ ରବିବାର ଏସ୍‌ଆରକେ ସଙ୍ଗଠନ ଫେସବୁକ୍ ମାଧ୍ୟମରେ ସେୟାର କରିଥିଲା। ଯାତ୍ରୀମାନେ ରାସ୍ତାରେ ଗଲାବେଳେ ଧୂଳିଉଡ଼ି କିପରି ନୟାନ୍ତ ହେଉଛନ୍ତି ତାହା ଏଥିରେ ଦର୍ଶାଯାଇଥିଲା। ରାସ୍ତା ନିର୍ମାଣ ସମୟରେ ପାଣି ପକାଇବା ସହ ଗୋଡିସାହିରେ ଥିବା ହମ୍ପ୍ସ ଉଚ୍ଛେଦ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ନେଇ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଗ୍ରହଣ କରି ନ ଥିଲେ। ସେହିଭଳି ବିଭାଗର ଜଣେ କର୍ମଚାରୀ ରାସ୍ତାକାର୍ଯ୍ୟ ତୁରନ୍ତ ଶେଷହେବା ସହିତ ହମ୍ପ୍ସ ଉଚ୍ଛେଦ କରାଯିବ ବୋଲି ସୂଚନା ଦେଇଥିଲେ।